

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୨ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 MAY 2021

Vol.No. 32 ■ No. 130 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ପ୍ରକାଶ ଅପେକ୍ଷାରେ

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସାମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତୁତି

- ଜଳଯୋଗାଣ ପାଇଁ ଅଧିକ ଟ୍ୟାଙ୍କର, ପାଣି ଟାଙ୍କି ଓ ଜେନେରେଟର ସେଟ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ
- ବାତ୍ୟା ପରବର୍ତ୍ତୀ ପୁନଃନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ଯଥେଷ୍ଟ ମାନବ ସମ୍ବଳ, ଯନ୍ତ୍ରପାତି ରଖ

ଭୁବନେଶ୍ୱର,୨୧/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ନଜରରେ ରଖି ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର ଶୁକ୍ରବାର ପ୍ରସ୍ତୁତି ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଶାସନ ସଚିବ, ଆରକ୍ଷୀ ମହାନିର୍ଦ୍ଦେଶକ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା), ଏନଡିଆରଏଫ, ନୌସେନା ଅଧିକାରୀ, ତଟରକ୍ଷୀ ବାହିନୀ ଅଧିକାରୀ ଓ ୧୪ ଗୋଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଗଞ୍ଜାମ, ମୟୁରଭଞ୍ଜ, ଯାଜପୁର, ନୟାଗଡ, ଖୋର୍ଦ୍ଧା, କଟକ, ଗଜପତି, କେଉଁଝର ଓ ଢେଙ୍କାନାଳ ର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ବିଶେଷତଃ ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ସହର ଓ ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇଥିଲେ। ଖରାପ ହୋଇଯାଇଥିବା ପାଇପ ଯୋଗେ ଜଳ ଯୋଗାଣ ଓ ନଳକୂପର ଶୀଘ୍ର କରାଯିବା ପାଇଁ ପରାମର୍ଶ ଦେଇଥିଲେ। ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଅଧିକ ସଂଖ୍ୟକ ଟ୍ୟାଙ୍କର, ପାଣି ଟାଙ୍କି ଓ ଜେନେରେଟର ସେଟ୍ ମହଜୁଦ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଆବଶ୍ୟକସ୍ଥଳେ ଅଧିକ ସଂଖ୍ୟକ ପାଣିଟାଙ୍କି ଅନ୍ୟ ଜିଲ୍ଲା ବା ରାଜ୍ୟରୁ ଆଣିବା ପାଇଁ କହିଥିଲେ। ଏତଦବ୍ୟତୀତ ସେ ଆବଶ୍ୟକ ସଂଖ୍ୟକ ବିଦ୍ୟୁତ ପୋଲ, ତାର, ଟ୍ରାନ୍ସଫରମର ଆଦି ପ୍ରସ୍ତୁତ ରଖିବାକୁ ▶▶ପୃଷ୍ଠା ୭

୪ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୨୧/୦୫(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଟୀକା କିଣାପାଇଁ ଗ୍ଲୋବାଲ ଟେଣ୍ଡରର ସତାବଳୀରେ ସଂଶୋଧନ ସମେତ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟ କ୍ୟାବିନେଟ ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ସୁରେଶ ମହାପାତ୍ର କହିଛନ୍ତି ଯେ ରେଙ୍ଗାଲି ବାମପାର୍ଶ୍ୱ କେନାଲରେ ୧୦୦.୪୯କି.ମି.ରୁ ୧୦୭.୫୦କିମି ପର୍ଯ୍ୟନ୍ତ କାମ ପାଇଁ ୨୪୭.୧୪ କୋଟି ଟଙ୍କାର ଚୂଡ଼ାନ୍ତ ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ୩୯୪୧୫.୯୪ ହେକ୍ଟର ଜମିକୁ ଜଳସେଚନ ହୋଇପାରିବ। ଏହି ପ୍ରକଳ୍ପର ତୃତୀୟ ପର୍ଯ୍ୟାୟରେ ▶▶ପୃଷ୍ଠା ୭

ଏନକାଉଣ୍ଟରରେ ୧୩ ନକ୍ସଲଙ୍କ ମୁଣ୍ଡ ଗଡ଼ାଇଲେ ସୁରକ୍ଷାକର୍ମୀ

ଗଡ଼ଚିରୋଲି,୨୧/୦୫ (ନି.ପ୍ର): ମହାରାଷ୍ଟ୍ରର ଗଡ଼ଚିରୋଲିରେ ନକ୍ସଲ ବିରୋଧୀ ଅଭିଯାନରେ ପୋଲିସକୁ ଏକ ବଡ ସଫଳତା ମିଳିଛି। ପୋଲିସ ଓ ନକ୍ସଲଙ୍କ ମଧ୍ୟରେ ଏନକାଉଣ୍ଟରରେ ୬ ଜଣ ନକ୍ସଲ ନିହତ ହୋଇଛନ୍ତି । ଗଡ଼ଚିରୋଲି ଜିଲ୍ଲାର ଏଟାପଲ୍ଲୀର ଘନଦାଟ ଜଙ୍ଗଲରେ ହୋଇଛି ଏନକାଉଣ୍ଟର। ଜଙ୍ଗଲରୁ ପ୍ରଥମେ ୬ ନକ୍ସଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପରେ ଆଉ ୭ ଜଣଙ୍କ ମୃତ ଦେହ ଉଦ୍ଧାର କରାଯିବା ପରେ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଏହାପରେ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି । ମହାରାଷ୍ଟ୍ର ପୋଲିସର ସି-୬୦ ୟୁନିଟ୍ ଏବଂ ନକ୍ସଲଙ୍କ ମଧ୍ୟରେ ଗଢଚରୌଲି ଜଙ୍ଗଲରେ ମୁହାଁମୁହିଁ ହୋଇଥିଲେ। ଗଢଚରୌଲି ଡିଆଇଜି ସନ୍ଦିପ ପାଟିଲଙ୍କ କହିବା ଅନୁସାରେ, ଏନକାଉଣ୍ଟର ଆଜି ସକାଳୁ ସକାଳୁ ହୋଇଛି। କୌଣସି ସୂତ୍ରରୁ ଜଙ୍ଗଲରେ ମାଓବାଦୀ ଥିବା ଖବର ପୋଲିସକୁ ମିଳିଥିଲା। ସେହି ଅନୁସାରେ ପୋଲିସ ଦିନକ ପୂର୍ବରୁ ଅଭିଯାନ ଆରମ୍ଭ କରିଥିଲା। ଏବେ ବି ଜଙ୍ଗଲରେ ତଲାସି ଅଭିଯାନ ଜାରି ରହିଛି। ସୂତ୍ରରୁ ପ୍ରକାଶ ଯେ, କାସନସୁର ଦଳମର ମାଓବାଦୀମାନେ କେନ୍ଦୁପତ୍ର ଚୁକ୍ତି ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବାକୁ ଆସିଥିଲେ। ମାଓବାଦୀମାନେ ଗ୍ରାମବାସୀଙ୍କୁ ▶▶ପୃଷ୍ଠା ୭

ଭବାନୀପୁରରୁ ବିଧାନସଭା ନିର୍ବାଚନ ଲଢିବେ ମମତା ବାନାର୍ଜୀ !

ପଶ୍ଚିମବଙ୍ଗ,୨୧/୦୫: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ନନ୍ଦୀଗ୍ରାମରୁ ବିଧାୟକ ପ୍ରାର୍ଥୀ ହୋଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ପରାଜିତ ହୋଇଥିଲେ । ହେଲେ ସେ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କୁ ବିଧାୟକ ଭାବେ ନିର୍ବାଚିତ ହେବାକୁ ପଡିବ । ହେଲେ ଭବାନୀପୁରରୁ ବିଧାୟକ ଭାବେ ଜିତିଥିବା ଟିଏମସି ନେତା ଶୋଭନ ଦେବ ଆଜି ବିଧାୟକ ପଦରୁ ଇସ୍ତଫା ଦେବା ପରେ ମମତା ବାନାର୍ଜିର ଭବାନୀପୁର ଆସନରୁ ପ୍ରାର୍ଥୀ ହେବା ନେଇ ଅନୁମାନ କରାଯାଉଛି । ▶▶ପୃଷ୍ଠା ୭

୨୫ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୧/୦୫ (ନି.ପ୍ର): ଆଜି ଆଣ୍ଡାମାନ ଓ ଆଖପାଖ ଅଂଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇସାରିଛି। ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବ। ୨୩ ତାରିଖରେ ଅବପାତର ରୂପ ନେବ ଏବଂ ୨୪ ତାରିଖରେ ବାତ୍ୟାରେ ରୂପାନ୍ତରିତ ହୋଇ ଉତର-ପଶ୍ଚିମ ଦିଗକୁ ଗତି କରିବ। ଏହା ପ୍ରଭାବରେ ୨୫ରୁ ଓଡ଼ିଶା ଉପକୂଳ ଅଂଚଳରେ ବର୍ଷା ଆରମ୍ଭ ହେବ ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେହିପରି ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା କହିଛନ୍ତି ଯେ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ▶▶ପୃଷ୍ଠା ୭

ପୁରୀରେ ୧୫୦ ଶଯ୍ୟାବିଶିଷ୍ଟ ଜିଲ୍ଲା କୋଭିଡ୍ ହସ୍‌ପିଟାଲ୍ ଲୋକାର୍ପିତ

ଭୁବନେଶ୍ୱର,୨୧/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ଭର୍ଚୁଆଲ ମାଧ୍ୟମରେ ପୁରୀର ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସରରେ ୧୫୦ ଶଯ୍ୟାବିଶିଷ୍ଟ ଜିଲ୍ଲା କୋଭିଡ୍ ହସ୍‌ପିଟାଲ୍ ର ଲୋକାର୍ପଣ କରିଛନ୍ତି । ଭୁବନେଶ୍ୱରର ସମ୍ ହସ୍‌ପିଟାଲ୍ ର ସହଯୋଗରେ ନିର୍ମିତ ଏହି ହସ୍‌ପିଟାଲ୍ ରେ ୯୦ଟି ଅମ୍ଳଜାନ ସଂଯୁକ୍ତ ଶଯ୍ୟା, ୪୦ଟି ଏଚ୍ ଡିୟୁ ଶଯ୍ୟା ଏବଂ ୨୦ଟି ଆଇସିୟୁ ଶଯ୍ୟା ରହିଛି। ଏଠାରେ ମଧ୍ୟ ଉନ୍ନତ ମାନର ପରୀକ୍ଷାଗାର ଏବଂ ଡାଇଗ୍ନୋଷ୍ଟିକ୍ ସୁବିଧା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି । ଏହି ହସ୍‌ପିଟାଲ୍ ଜିଲ୍ଲାର ଗୁରୁତର କୋଭିଡ୍ ସଂକ୍ରମିତମାନଙ୍କୁ ଉନ୍ନତ ମାନର ଚିକିତ୍ସା ଯୋଗାଇବାରେ ସହାୟକ ହେବ ଏବଂ ସେମାନେ ଭୁବନେଶ୍ୱର କିମ୍ବା କଟକର ହସ୍‌ପିଟାଲ୍‌ଗୁଡ଼ିକ ଉପରେ ନିର୍ଭରଶୀଳ ହେବେ ନାହିଁ । ଏହି କୋଭିଡ୍ ହସ୍‌ପିଟାଲ ୍କୁ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ। ଏହି ହସ୍‌ପିଟାଲ୍ ର ସମସ୍ତ ଶଯ୍ୟାରେ ଅମ୍ଳଜାନ ସଂଯୁକ୍ତ କରାଯିବ, ଏବଂ ଆବଶ୍ୟକତା ଅନୁଯାୟୀ ଏହାର କ୍ଷମତା ବୃଦ୍ଧି କରାଯିବ ବୋଲଇ ମୁଖ୍ୟମନ୍ତ୍ରୀ କହିବା ସହ ଏହି କୋଭିଡ୍ ଯତ୍ନ ସୁବିଧା କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କୁ ସହଯୋଗ କରିଥିବାରୁ ଭୁବନେଶ୍ୱରର ସମ୍ ହସ୍‌ପିଟାଲ୍‌କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ▶▶ପୃଷ୍ଠା ୭

କୋଭିଡ୍ ଟିକା ଗ୍ଲୋବାଲ ଟେଣ୍ଡରର ସର୍ତ୍ତାବଳୀ ସଂଶୋଧନକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର,୨୧/୦୫ (ନି.ପ୍ର): କୋଭିଡ୍ ଟୀକା କିଣିବା ପାଇଁ ଡକାଯାଇଥିବା ଗ୍ଲୋବାଲ ଟେଣ୍ଡର ପାଇଁ କାଗଜପତ୍ର ଓ ସର୍ତ୍ତାବଳୀକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀମଣ୍ଡଳ ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଟୀକା କମ୍ପାନୀ ସହ ୧୯ରେ ପ୍ରିବିଡ୍ ଆଲୋଚନା ହୋଇଥିଲା। ଟେଣ୍ଡର ପାଇଁ ଥିବା ସର୍ତ୍ତରେ କିଛି ସଂଶୋଧନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ଟେକ୍ନିକାଲ କମିଟିର ସୁପାରିଶ ଭିତିରେ ଟେଣ୍ଡରରେ ସବୁ ସଂଶୋଧିତ ସର୍ତ୍ତକୁ ବୈଠକରେ ଅନୁମତି ମିଳିଛି। ଟୀକା କମ୍ପାନୀ ଚାହିଁଲେ ପୂରା ପରିମାଣ ଉପରେ ବିଡ୍ କରିପାରିବେ। ଟେଣ୍ଡରରେ ବିଶ୍ୱର ସବୁ କମ୍ପାନୀ ସାମିଲ ହୋଇପାରିବେ। ଶୀଘ୍ର ଟୀକା କିଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି। କୋଭିଡ୍ ଟିକା କ୍ରୟ ପାଇଁ ରାଜ୍ୟ ସରକାରଙ୍କ ଗ୍ଲୋବାଲ ଟେଣ୍ଡରରେ ଭାଗ ନେବାକୁ ଥିବା ଉତ୍ପାଦନକାରୀ କମ୍ପାନୀମାନଙ୍କୁ ୩% ପରଫରମାନ୍ସ ସିକ୍ୟୁରିଟି, ଇଏମଡି, ବିଡ୍ ସିକ୍ୟୁରିଟି ଓ ଲିକ୍ୟୁଡିଟି ଡ୍ୟାମେଜ୍ ଭଳି ସର୍ତ୍ତାବଳୀରୁ ସରକାର ଆଶ୍ୱସ୍ତି ଦେଇଛନ୍ତି। ଯେକୌଣସି ଟେଣ୍ଡରରେ ଏସବୁ ଆର୍ଥିକ ସର୍ତ୍ତାବଳୀ ରହୁଥିଲେ ମଧ୍ୟ କୋଭିଡ୍ ଟିକା କ୍ରୟ ନିମନ୍ତେ କ୍ୟାବିନେଟ୍ ଏସବୁ ଟେଣ୍ଡର ସର୍ତ୍ତକୁ ବାଦ୍ ଦେଇଛନ୍ତି ଓ ଏଥିପାଇଁ ଓଜିଏଫଆର ଓ ଡିଏଫଡିଆରରେ ସଂଶୋଧନକୁ ମଧ୍ୟ ମଞ୍ଜୁରୀ ଦେଇଛନ୍ତି ବୋଲି ଜଣାପଡ଼ିଛି। ଆସନ୍ତା ୪ମାସ ମଧ୍ୟରେ ରାଜ୍ୟର ସମସ୍ତଙ୍କୁ ଟିକାକରଣ କରିବା ପାଇଁ ଓ ଟିକା ଉତ୍ପାଦନକାରୀଙ୍କ ମଧ୍ୟରେ ଏକ ସକରାତ୍ମକ ସନ୍ଦେଶ ଦେଇ ସେମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଟେଣ୍ଡର ଇଏମଡି, ବିଡ୍ ସିକ୍ୟୁରିଟି, ଲିକ୍ୟୁଡିଟି ଡ୍ୟାମେଜ୍ ଆଦି ସର୍ତ୍ତକୁ ଛାଡ଼ୁ କରାଯାଇଛି ।

ନିୟମଗିରିରେ କାୟା ମେଲୁଛି କରୋନା : ଗୋଟିଏ ଗାଁରେ ୪୬ ସଂକ୍ରମିତ

ଭୁବନେଶ୍ୱର,୨୧/୦୫ (ନି.ପ୍ର): ଯାହା ଆଶଙ୍କା କରାଯାଉଥିଲା ତାହା ସତ ହୋଇଛି । ରାୟଗଡା ଜିଲ୍ଲା ନିୟମଗିରୀ ଅଂଚଳରେ ରହୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ମଧ୍ୟରେ ଦ୍ରୁତ ଗତିରେ ମାଡି ଚାଲିଛି ମହାମାରୀ କରୋନା । ଗୋଟିଏ ଗାଁରୁ କରାଯାଇଥିବା ୬୨ଟି ନମୁନାରୁ ୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ନିୟମଗିରି ପାହାଡ ଅଂଚଳରେ ରହୁଥିବା ଡଙ୍ଗରିଆ କନ୍ଧଙ୍କ ଭିତରେ ଭୟଙ୍କର ହେଉଛି କରୋନା ସଂକ୍ରମଣ । ପ୍ରଥମେ ଡଙ୍ଗରିଆମାନେ ଟେଷ୍ଟିଂ ପାଇଁ ରାଜି ହେଉନଥିଲେ । କିନ୍ତୁ ପ୍ରଶାସନ ପକ୍ଷରୁ ବୁଝାସୁଝା ପରେ ବିଷମ କଟକ ବ୍ଲକ କୁର୍ଲ୍ଲୀ ପଂଚାୟତର ଗନ୍ଦିଲି ଗାଁର ଲୋକମାନେ ଟେଷ୍ଟ ପାଇଁ ରାଜି ହୋଇଥିଲେ । ଆଉ ପରୀକ୍ଷା ପରେ ଯେଉଁ ରିପୋର୍ଟ ଆସିଛି ସମସ୍ତଙ୍କୁ ଚମକାଇ ଦେଇଛି । ପରୀକ୍ଷା କରାଯାଇଥିବା ୬୨ ଜଣଙ୍କ ମଧ୍ୟରୁ ୪୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସଂକ୍ରମିତଙ୍କ ମଧ୍ୟରେ ▶▶ପୃଷ୍ଠା ୭

ପ୍ରଦୀପ ପାଣିଗ୍ରାହୀ, ଅଭୟ ପାଠକ କରୋନା ପଜିଟିଭ୍

ଭୁବନେଶ୍ୱର,୨୧/୦୫ (ନି.ପ୍ର): ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ଆଇଏଫଏସ୍ ଅଧିକାରୀ ଅଭୟକାନ୍ତ ପାଠକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉଭୟ ଭୁବନେଶ୍ୱର ଝାରପଡା ଜେଲ୍ ରେ ଥିବା ବେଳେ କରୋନା ସଂକ୍ରମିତ ହୋଇଛନ୍ତି। ସେମାନଙ୍କୁ ଜେଲ୍ ର ଆଇସୋଲେସନ୍ ୱାର୍ଡରେ ରଖାଯାଇଛି। ଗତ କିଛି ଦିନ ମଧ୍ୟରେ ଝାରପଡା ଜେଲର ବହୁ ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ପୁଣି ବଢ଼ିଲା ପେଟ୍ରୋଲ-ଡିଜେଲ ଦର

ନୂଆଦିଲ୍ଲୀ,୨୧/୦୫ (ନି.ପ୍ର): ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ହ୍ରାସ ସତ୍ତ୍ୱେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ପୁଣି ମହଙ୍ଗା ହୋଇଛି । ପବ୍ଲିକ ସେକ୍ଟରରେ ତୈଳ ମାର୍କେଟିଂ କମ୍ପାନୀ ଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଦୁଇ ଦିନ ପରେ ଯଥାକ୍ରମେ ଲିଟର ପିଛା ୧୯ ପଇସା ଏବଂ ୨୯ ପଇସା ବୃଦ୍ଧି କରିଛନ୍ତି। ଏହି ବୃଦ୍ଧି ସହିତ ଶୁକ୍ରବାର ଦିନ ଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୯୩ ଟଙ୍କା ଅତିକ୍ରମ କରିଛି। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ୪ ମହାନଗରୀ ଯଥା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକତାରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୯୩.୦୪, ୯୯.୩୪, ୯୪.୭୧ ଏବଂ ୯୩.୧୧ ଟଙ୍କାକୁ ବୃଦ୍ଧି ପାଇଛି । ଏଥି ସହିତ ଡିଜେଲ ମଧ୍ୟ ଏହି ୪ ମହାନଗରୀରେ ଯଥାକ୍ରମେ ଲିଟର ପିଛା ୮୩.୮୦, ୯୧.୦୧, ୮୮.୬୨ ଏବଂ ୮୬.୬୪ ଟଙ୍କା ରହିଛି । ଉଲ୍ଲେଖନୀୟ ଯେ, ଗତ ୨୪ ଦିନରେ ପେଟ୍ରୋଲ ୨.୬୯ ଟଙ୍କା ପ୍ରତି ଲିଟର ପିଛା ବଢ଼ିଥିବା ବେଳେ ଗତ ୧୨ ଦିନରେ ଡିଜେଲ ୩.୦୭ ଟଙ୍କା ପ୍ରତି ଲିଟର ପିଛି ବୃଦ୍ଧି ଘଟିଥିଲା । ତେବେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ଗୋଟିଏ ଦିନ ପୂର୍ବରୁ କାରବାର ଶେଷରେ ବ୍ୟାରେଲ ପିଛା ୬୫.୧୧ ଡଲାରକୁ ଖସି ଆସିଛି ।

କେନ୍ଦ୍ର ସରକାରଙ୍କୁ ୯୯.୧୨୨ କୋଟି ଟଙ୍କାର ସହାୟତା ଦେବ ରିଜର୍ଭ ବ୍ୟାଙ୍କ୍

ନୂଆଦିଲ୍ଲୀ,୨୧/୦୫ (ନି.ପ୍ର): ଭାରତୀୟ ରିଜର୍ଭ ବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ୯୯.୧୨୨ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛି । ଏନେଇ ରିଜର୍ଭ ବ୍ୟାଙ୍କ କେନ୍ଦ୍ରୀୟ ବୋର୍ଡ ବୈଠକ ପରେ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି ସହାୟତା ରାଶି ୨୦୨୦ ଜୁଲାଇ ମାସରୁ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୋଲି କୁହାଯାଇଛି । ଏହାସହ ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ବୋର୍ଡ ନିଷ୍ପତ୍ତି ନେଇଛି କି ଜରୁରୀକାଳୀନ ପାଣ୍ଠିର ପରିମାଣ ୫.୫ ପ୍ରତିଶତ ରଖାଯିବ । ଜାଲାନ ସମିତିର ସୁପାରିଶ ମୁତାବକ ରିଜର୍ଭ ବ୍ୟାଙ୍କ ତାହାର ସରପ୍ଲସ ଖାତାରୁ ୫.୫ ରୁ ୬୦୫ ପ୍ରତିଶତ ଅର୍ଥ ଜରୁରୀକାଳୀନ ନିଧି ରୂପରେ ରଖାଯିବା ଦରକାର । ରିଜର୍ଭବ୍ୟାଙ୍କ କେନ୍ଦ୍ରୀୟ ବୋର୍ଡର ୫୮୯ ତମ ବୈଠକ ମେ ୨୧ ଶୁକ୍ରବାର ଦିନ ଏଭଳି ନିଷ୍ପତ୍ତି ନିଆଯାଇଛି । ଏହାସହ ବୋର୍ଡ ତରଫରୁ କେନ୍ଦ୍ର ସରକାରଙ୍କୁ ୯୯.୧୨୨ କୋଟି ଟଙ୍କା ଟ୍ରାନ୍ସଫର କରିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ସୂଚନା ଥାଉ କି,ଏହାପୂର୍ବରୁ ୨୦୧୯ ମସିହାରେ ରିଜର୍ଭବ୍ୟାଙ୍କ ତରଫରୁ ମୋଦି ସରକାରଙ୍କୁ ୧.୭୬ ଲକ୍ଷ କୋଟି ଟଙ୍କା ଦିଆଯାଇଥିଲା । ଏହି ସମୟରେ ରିଜର୍ଭବ୍ୟାଙ୍କର ଏଭଳି ନିଷ୍ପତ୍ତିକୁ ଚାରିଆଡୁ ସମାଲୋଚନା କରାଯାଇଥିଲା । କହିରଖୁ କି ରିଜର୍ଭ ବ୍ୟାଙ୍କର ତା'ର ସରପ୍ଲସ ଅର୍ଥରୁ କିଛି ଅଂଶ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥାଏ । ୧୯୩୪ ମସିହାରେ ରିଜର୍ଭବ୍ୟାଙ୍କ ସ୍ଥାପିତ ହେବା ପରେ ରିଜର୍ଭବ୍ୟାଙ୍କ ସଂଚାଳନ ଆକ୍ଟ ୧୯୩୪ ଦ୍ୱାରା ଏହା କରାଯାଇଥାଏ । ଏହି ଆକ୍ଟର ଚାପ୍ଟର ୪ ସେକ୍ସନ ୪୭ ରେ କୁହାଯାଇଛି କି ରିଜର୍ଭବ୍ୟାଙ୍କର ଲାଭରୁ ଯେଉଁ ସରପ୍ଲସ ଫଣ୍ଡ ବଞ୍ଚିବ ତାହା କେନ୍ଦ୍ର ସରକାରଙ୍କୁ ଦିଆଯିବ ।

ଦୁଷ୍କର୍ମ ମାମଲାରୁ ଦୋଷମୁକ୍ତ ହେଲେ 'ତେହେଲ୍କା'ର ପୂର

ଶ୍ରୀମନ୍ଦିରରେ ନିଳାଦ୍ରୀ ମହୋଦୟାଷ୍ଟମୀ ନୀତି ପାଳିତ

ପୁରୀ, ୨୧/୫ (ନି.ପ୍ର): ଆଜି ପବିତ୍ର ବୈଶାଖ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଶ୍ରୀମନ୍ଦିରରେ ନିଳାଦ୍ରୀ ମହୋଦୟା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିରରେ ପାଳିତ ମୁଖ୍ୟ ଦ୍ୱାଦଶ ଯାତ୍ରା ବ୍ୟତୀତ ତ୍ରୟୋଦଶ ଯାତ୍ରା ଭାବେ ନିଳାଦ୍ରୀ ମହୋଦୟା ଯାତ୍ରା ସୁପରିଚିତ । ଏହାକୁ ଶ୍ରୀମନ୍ଦିରର ପ୍ରତିଷ୍ଠା ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ । ଏହି ତିଥିରେ ପ୍ରଭୁଙ୍କ ପ୍ରକଟ ହୋଇଥିବାରୁ ପ୍ରତିବର୍ଷ ପ୍ରକଟ ଉତ୍ସବ ଭାବେ ଏହି ଦିବସକୁ ପାଳନ କରାଯାଇଥାଏ । ଏହି ବିଶେଷ ତିଥିରେ ଶ୍ରୀମନ୍ଦିରରେ ଭଅଣ୍ଡ ଓ ଆଲଟ ଲାଗି ସରିବା ପରେ ଭିତର ଗମ୍ଭୀରାରେ ପାଣି ପାଣି ପଡି ଠା' ହୋଇଥିଲା । ପୂର୍ବ ଦିନରୁ ଭୋଗମଣ୍ଡପରେ ଅଧିବାସ ହୋଇଥବା ୧୦୮ ଗଡୁ ଜଳକୁ ଗରାବଡୁ ସେବକ ମାନେ ମୁହଁରେ ବାଘମୁହାଁ ବାନ୍ଧି ଘଂଟ, ଛତ୍ର କାହାଳୀ ସହ ପଟୁଆରରେ ଚାରି ଥରରେ ଚାରି ପନ୍ତି କରି ଜଳପୂର୍ଣ୍ଣ ଗଡୁ ମାନ ରତ୍ନ ସିଂହାସନ ନିକଟରେ ବିଜେ କରିବା ପରେ ଜଳ ପୂଜା ଓ ଲାଗି ନୀତି ଅନୁଷ୍ଠିତ ହୋଇଥିଲା । ପରେ ମଇଲମ, ନୂଆ ଲୁଗା ଲାଗି ଏବଂ ୬ ମୂର୍ତ୍ତି ଅଳଙ୍କାର ଲାଗି ହେବା ପରେ ପୂଜା ପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ରୂପା ପିଙ୍ଗଣରେ ଚନ୍ଦନ ବିଜେ କରାଇ ଆଣି ସିଂହାସନ ଉପରେ ସଂସ୍କାର କରାଇ ପାଳିଆ ପୁଷ୍ପାଳକଙ୍କ ସହିତ ଚନ୍ଦନ ସର୍ବାଙ୍ଗ କରାଇଥିଲେ । ଏହା ପରେ ଭିତରେ ପାଣି ପଡି ଧୁଆଯିବା ପରେ ମଧ୍ୟାହ୍ନ ଧୂପ ବଢା ଯାଇଥିଲା । ପରେ ଅଷ୍ଟଦିଗପାଳଙ୍କୁ ଅନ୍ନ ବଳି ଦିଆଯାଇଥିଲା । ପରେ ଯାତ ଭୋଗ ଘଂଟ, ଛତ୍ର, କାହାଳୀ ସହ ଶ୍ରୀଛାମୁକୁ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଭୋଗ ସରିବା ପରେ ପାଣି ପଡି ଧୋପଖାଳ ହୋଇ ତିନି ବାଡରେ ବନ୍ଦାପନା ନୀତି ସମାପନ ହୋଇଥିଲା । ତପ୍ରରେ ଆଜ୍ଞାମାଳ ପାଇ ଚଳନ୍ତି ବିଗ୍ରହ ଚାପ କରିବାକୁ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ । ସ୍ୱୟଂ ବ୍ରହ୍ମା ବୈଶାଖ ମାସର ପୁଷ୍ୟାଯୋଗଯୁକ୍ତ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥି ଗୁରୁବାରରେ ଶ୍ରୀମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ । ସେହି ହେତୁ ଏହି ଦିବସଟି ଅତ୍ୟନ୍ତ ପୂଣ୍ୟତମ ସର୍ବପାପ ବିନାଶକାରୀ ଅଟେ । ଏହି ଦିବସରେ ସ୍ନାନ, ଦାନ, ତପସ୍ୟା, ହୋମାଦି କାର୍ଯ୍ୟ କଲେ ଅକ୍ଷୟ ଫଳ ପ୍ରାପ୍ତି ହୋଇଥାଏ । ଯେଉଁ ମନୁଷ୍ୟ ଏହି ଦିବସରେ ଭକ୍ତିପୂର୍ଣ୍ଣ ହୃଦୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରନ୍ତି ସେମାନେ ମୁକ୍ତି ଲାଭ କରନ୍ତି ବୋଲି ବିଶ୍ୱାସ ରହିଛି । ତେବେ ଚଳିତ ବର୍ଷ କରୋନା କଟକଣା ପାଇଁ ଭକ୍ତ ଏହି ଦୁର୍ଲ୍ଲଭ ଦର୍ଶନରୁ ବଂଚିତ ରହିଛନ୍ତି ।

ଗୋଟିଏ ରାତିରେ ୨ଟି ଦୋକାନରୁ ଚୋରୀ : ୩ ଅଟକ, ଚୋରୀ ସାମଗ୍ରୀ ଜବତ

କଣାସ, ୨୧/୫ (ନି.ପ୍ର): ପୁରୀ ଜିଲ୍ଲା କଣାସ ଥାନା ଅର୍ନ୍ତଗତ କଣାସ ବଜାରର ୨ଟି ଦୋକାନରୁ ଗୋଟିଏ ରାତିରେ ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ଥାନା ନିକଟ ଗୋଟିଏ ଦୋକାନରୁ ଚୋରୀ ହୋଇଥିବା ବେଳେ ଡାକବଙ୍ଗଳା ନିକଟ ଗୋଟିଏ ଦୋକାନରୁ ଚୋରୀ ହୋଇଛି । ଦୋକାନୀ ମାନେ ଥାନାରୁ ଏତେଲା ଦେବାରୁ ଆଇ.ଆଇ.ସି ତପନ ରାଉତ ତଦନ୍ତ ଚଳାଇ ୧୧୪/୨୦୨୧, ୧୧୮/୨୦୨୧ ଦୁଇଟି ମୋକଦ୍ଦମା ରୁଜୁ କରି ତିନିଜଣ ଯୁବକଙ୍କୁ ଥାନାରେ ଅଟକ ରଖି ଚୋରୀ ଯାଇଥିବା କେତେକ ଜିନିଷ ଓ ନଗଦ ୧୨ ହଜାର ଟଙ୍କା ଜବତ କରିବା ସହିତ ଆଉକେହି ଏହି ଚୋରୀରେ ସାମିଲ୍ ଅଛନ୍ତି କି ନାହିଁ ସେନେଇ ତଦନ୍ତ ଜାରି ରଖିଛନ୍ତି ।

ଏବିଭିପି ତରଫରୁ ରକ୍ତଦାନ ଶିବିର, ୭୧ ୟୁନିଟ ରକ୍ତ ସଂଗୃହୀତ

ଭୁବନ, ୨୧/୫ (ନି.ପ୍ର): ମହାମାରୀ କରୋନା ସମୟରେ ରକ୍ତର ଅଭାବ ପୂରଣ କରିବା ସକାଶେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଭୁବନ ଶାଖା ଆନୁକୂଲ୍ୟରେ କାଳୀବଜାର ସ୍ଥିତ ବିଷ୍ଣୁପ୍ରିୟା ଗାଲାକ୍ସି ଠାରେ ଆଜି ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ଏବିଭିପି ପୂର୍ବତନ ରାଜ୍ୟ ସଭାପତି ଦିଲ୍ଲୀପ ଦାସ ମୁଖ୍ୟ ଅତିଥି ଭାବେ ଏହି ଶିବିରକୁ ଉଦଘାଟନ କରିଥିବା ବେଳେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଶୁଭେନ୍ଦୁ ସାହୁ, ପ୍ରାଧାପକ ନିତ୍ୟାନନ୍ଦ ପରିଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଢେଙ୍କାନାଳ ଜିଲ୍ଲା ରକ୍ତଭଣ୍ଡାର ଦ୍ୱାରା ସମୁଦାୟ ୭୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସରକାରଙ୍କ ଗାଇଡଲାଇନ ଅନୁଯାୟୀ ୧୮ ରୁ ୪୪ ବର୍ଷର ଯୁବକ ମାନେ କୋଭିଡ ଟୀକା ନେବା ପରେ ୧୫ ଦିନ ପରେ ରକ୍ତଦାନ କରିପାରିବେ, ସେଥିପାଇଁ ଯୁବକ ମାନେ ଟୀକା ନେବା ପୂର୍ବରୁ ରକ୍ତଦାନ କରିଥିଲେ । ଏବିଭିପି ନଗର ସମ୍ପାଦିକା ସାଗରିକା ସାହୁ, ସହ ସମ୍ପାଦକ ଜଗବନ୍ଧୁ ପୃଷ୍ଟି, ନଗର ଉପସଭାପତି ଚିନ୍ମୟ ପୃଷ୍ଟି, ମନୋଜ ସାହୁ, ରାଜ୍ୟ ସହ ସମ୍ପାଦକ ଅରଜିତ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପ୍ରମୁଖ ନିରଞ୍ଜନ ଗୁରୁ, ଜିଲ୍ଲା ସଂଯୋଜକ ସାହୁ, ପୂର୍ବତନ ବିଭାଗ ସଂଯୋଜକ ଗୁଲସନ ରାଉତ, ସହ ପ୍ରମୁଖ ଗୋପାଳ ନାୟକ, ସଞ୍ଜୟ ଗୁରୁ, ଲଳିତ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ଓଡିଶା ଚଳଚ୍ଚିତ୍ର ଜଗତର ଯୁବ ନିର୍ଦ୍ଦେଶକ ଦେବଜ୍ୟୋତି ପାତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ନିଜେ ରକ୍ତଦାନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

ଜୟପୁର ଘାଟିରେ ୨୫ ଫୁଟ ତଳକୁ ଖସିଲା ଗ୍ୟାସ ଟ୍ୟାଙ୍କର ଘଟଣା : ଘଟଣା ସ୍ଥଳରେ ପହଂଚିଲା ଇଆରଭି ଟିମ

ଜୟପୁର, ୨୧/୫ (ନି.ପ୍ର): ଜୟପୁର ଦେଇଯାଇଥିବା ଜାତିୟ ରାଜପଥ ୨୬ର କୋରାପୁଟ ଘାଟିର କାଳି ଭୈରବି ମନ୍ଦିର ନିକଟରେ ଏକ ଗ୍ୟାସ ଟେଙ୍କର ଭାରସ୍ୟାମ ହରାଇ ୨୫ ଫୁଟ ତଳୁ ଖସିପଡିଥିଲା । ଦୁର୍ଘଟଣା ଯୋଗୁଁ ଟେଙ୍କର ଡ୍ରାଇଭର ଚାପିହୋଇ ମୃତ୍ୟୁବରଣ କରିଥିବା ବେଳେ ଓଡ୍ରାଫ ଟିମ ଘଟଣା ସ୍ଥ ଳରେ ପହ ଁ ଡ୍ରାଇଭରର ମୃତ୍ୟ ଦେହ ଉଦ୍ଧାର କରିଥିଲେ । ଆଜି ଗୁରୁବାର ଜିଲା ପ୍ରଶାସନର ନିଦ୍ଦେଷରେ ବିଶାଖାପାଟଣାର ଏମାରଜେନ୍ସି ରେସପନସିପ ଭେଇକେଲର ବୈଷୟିକ ଟିମ ପହଂଚି ଗ୍ୟାସ କୁ ଅନ୍ୟ ଏକ ଖାଲି ଟେଙ୍କର କୁ ସ୍ଥାନାନ୍ତ କରିବା ଆରମ୍ଭ ହୋଇଛି । ଦୀର୍ଘ ୨୪ ଘଂଟାରେ ଉଦ୍ୟମ ରେ ଗ୍ୟାସ ଖାଲି ଟେଙ୍କର ଭିତି ହେବା ଆରମ୍ଭ ହୋଇଛି । ଟ୍ୟାଙ୍କରରେ ୧୪ ଟନ ଗ୍ୟାସ ରହିଥିବା ବେଳେ ବ ମାନ ମାତ୍ର ୪ ଟନ ଗ୍ୟାସ ଖାଲି ଟ୍ୟାଙ୍କର ଆଣାଯାଇପାରିଛି । ପୁଣି ଶୁକ୍ରବାର ମଧ୍ୟ ଗ୍ୟାସ୍ ଖାଲି ଟ୍ୟାଙ୍କରକୁ ଆଣିବା ଉଦ୍ୟମ କରାଯିବ । ୨୫ ଫୁଟ ଉପରୁକୁ ଗ୍ୟାସ ଉଠିବା ଅସୁବିଧା ସୃଷ୍ଟି ହୋଇଥିବା ଜଣାଯାଇଛି । ଦାମାନଜୋଡି ନାଲକୋର ଏକ କ୍ରେନ, ଜୟପୁରରେ ଏକ କ୍ରେନ ନିୟୋଜିତ ହୋଇଥିବାବେଳେ ଓଡ୍ରାଫ ଟିମ ସହ ଯୋଗ କରିଥିଲା । ଘଟଣା ସ ଳରେ ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟ, ଏସଡିପିଓ ଅରୁପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର, ଜୟପୁର ଅଗ୍ନିସମ ଅଧିକାରି ପ୍ରଶାନ୍ତ କୁମାର ଅଧିକାରି, ଦମକଳ ବିଭାଗ, ପୋଲିସ ଉପସ୍ଥିତ ଅଛନ୍ତି । ବୁଧବାର ଘାଟି ନିକଟରେ ଏକ ଟ୍ରକ ଅଚଳ ହୋଇ ରହିଥିଲା । ସେହି ଟ୍ରକକୁ ସାଇଡ କରି ଆଙ୍କା ବଙ୍କା ଘାଟି ରାସ୍ତା ଯିବା ବେଳେ ଭାରସ୍ୟାମ ରକ୍ଷା କରି ନପାରି ଓଲଟି ପଡିଥିଲା । ଟେଙ୍କରଟି ଘାଟିର ୨୫ ଫୁଟ ତଳୁ ଖସି ପଡିଥିଲା । ଏକ ଗ୍ୟାସ ବେଝେଇ ଟ୍ୟାଙ୍କର ବିଶାଖାପାଟଣା ରୁ ରାୟପୁର ଯାଉଥିବା ବେଳେ ଭାରସ୍ୟାମ ହରାଇ ଘାଟି ତଳୁ କୁ ଟେଙ୍କର ଖସିପଡିଥିଲା । ଡ୍ରାଇଭର ଟେଙ୍କରରେ ଚାପି ହୋଇଯାଇଥିବାବେଳେ ଘଟଣାସ୍ଥଳରେ ଓଡ୍ରାଫ, ଦମକଳ ବିଭାଗ. ଆମ୍ବୁଲାନ୍ସ ପୋଲିସ ପହଁ ଉଦ୍ଧାର କାଯ୍ୟ ଜାରି ରଖିଥିଲେ । ଓଡ୍ରାଫ ଟିମର ବହୁ ଉଦ୍ୟମରେ ଡ୍ରାଇଭରକୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ସେପଟେ ଟେଙ୍କରରେ ଗ୍ୟାସ ଭତି ହୋଇରହିଥିବାବେଳେ ଲିକ ହେବା ଆରମ୍ଭ ହୋଇଛି । ଗରମ ଯୋଗୁଁ ବ୍ଲାଷ୍ଟ ହେବାର ଆଶଙ୍କା ଥିବାରୁ ଦମକଳ ବିଭାଗ ତରଫରୁ ଟ୍ୟାଙ୍କରେ ପାଣି ପକାଯାଇଥିଲା । ଦୁର୍ଘଟଣା ଯୋଗୁଁ କୋରାପୁଟ ଜୟପୁର ରାସ୍ତାକୁ ବନ୍ଦ କରାଯାଇଥିବା ବେଳେ କୋରାପୁଟ-ରାଣିଗଡ- ବୋରିଗୁମ୍ମା ରାସ୍ତାରେ ଗାଡି ମୋଟର ଯିବା ପାଇଁ ଜିଲାପାଳ ନିଦ୍ଦେଷ ଦେଇଛନ୍ତି । ପରବି ନିଦ୍ଦେଷ ନାମା ଯାଏ ଏହି ରାସ୍ତାରେ ଚଳ ପ୍ରଚଳ କରିବାକୁ ନିଦ୍ଦେଷ ଦେଇଛନ୍ତି । ଉଦ୍ଧାର କାଯ୍ୟ ଶେଷ ହେବା ପଯ୍ୟନ୍ତ ଜୟପୁର କୋରାପୁଟ ରାସ୍ତାରେ ଗାଡି ଚଳା ଚଳ ବନ୍ଦ ରହିବ ବୋଲି ଜିଲାପାଳ ନିଦ୍ଦେଷ ଦେଇଛନ୍ତି ।

ଭଦ୍ରକରେ ପ୍ରବାସୀ ଯାଉଥିବା ବସ୍‌ରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ଭଦ୍ରକ, ୨୧।୫ (ହି.ସ.) - ତାମିଲନାଡୁରୁ ପଶ୍ଚିମବଙ୍ଗ ଯାଉଥିବା ଏକ ଯାତ୍ରୀବାହୀ ବସ୍ ଭିତରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଛି । ମିଳିଥିବା ସୂଚନା ଅନୁସାରେ ତାମିଲନାଡୁରୁ ପଶ୍ଚିମବଙ୍ଗ ବିରଭୁମ୍ ବାଙ୍ଗାରାମ ଅଂଚଳର ଶ୍ରମିକ ବବୁଲୁ ଘୋଷଙ୍କ ଦେହ ସୋର ନିକଟରେ ଖରାପ ହେବାରୁ ବସ୍ ଡ୍ରାଇଭର ସୋର ପ୍ରଶାସନକୁ ସହାୟତା ମାଗିଥିଲେ । ହେଲେ ତାଙ୍କୁ ସେଠାରେ କୌଣସି ସହଯୋଗ ମିଳିନଥିବାରୁ ଶେଷରେ ଡ୍ରାଇଭର ଜଣକ ଭଦ୍ରକ ଫେରିଆସି ବନ୍ତଛକ ନିକଟରେ କାର୍ଯ୍ୟରତ ପୁଲିସ୍‌ର ସହାୟତା ମାଗିଥିଲେ । ପରେ ଭଦ୍ରକ ଟାଉନ୍ ପୁଲିସ୍ ଘଟଣାସ୍ଥଳରେ ପହଁ ମୃତ ଯୁବକଙ୍କୁ ବସ୍‌ରୁ ଓହ୍ଲାଇଥିଲେ । ପୁଲିସ୍ ପକ୍ଷରୁ ମୃତଦେହକୁ ଉଦ୍ଧାର କରାଯାଇଥିବାବେଳେ ଭଦ୍ରକ ଜିଲା ମେଡିକାଲରେ ଶବଟିର ବ୍ୟବଚ୍ଛେଦ କରାଯାଇଛି । ତେବେ କେଉଁ କାରଣରୁ ଶ୍ରମିକ ଜଣଙ୍କର ମୃତ୍ୟୁ ଘଟିଛି, ପୁଲିସ୍‌ର ତଦନ୍ତ ପରେ ଜଣାପଡିବ ବୋଲି ସୂଚନା ମିଳିଛି ।

ବଣ୍ଡା ଘାଟିରେ ଜିଲ୍ଲାପାଳଙ୍କ ଅଦାଲତ

ମାଲକାନଗିରି, ୨୧/୫ (ନି.ପ୍ର): ବଣ୍ଡାଘାଟି ରେ ଜିଲ୍ଲାପାଳ ଙ୍କ ଅଦାଲତ ।ଏଭଳି କଥା ଆମେ ଏଥିପାଇଁ କହୁଛୁ ।କରୋନା ଭୁତାଣୁ ବଣ୍ଡାଘାଟି ରେ ପହଂଚିବା ପରେ ସ୍ଥିତି ଅନୁଧ୍ୟାନ ପାଇଁ ବଣ୍ଡାଘାଟିରେ ପହଂଚିଥିଲେ ମାଲକାନଗିରି ଜିଲ୍ଲାପାଳ ଯେଦୁଲା ବିଜୟ ।ହେଲେ କରୋନା କଣ ଅନ୍ୟାନ୍ୟ ଅସୁବିଧା ଦେଖି ବିଚଳିତ ହେଲେ ଏବଂ ବିଡିଓ ଙ୍କୁ ତାଗିଦ କଲେ ।ଏବଂ ବଣ୍ଡାଜନଜାତି ଙ୍କ ଗୋଟିଏ ପରେ ଗୋଟିଏ ସୁବିଧା ପାଇଁ ପ୍ରତିଶ୍ରୁତି ଦେଲେ । ପରେ ଚାଲିଲା ଜିଲ୍ଲାପାଳ ଙ୍କ ବଣ୍ଡାଘାଟି ରେ ଅଦାଲତ ।ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟି ।୨ ଟି ପଂଚାୟତ ଅଣ୍ଡରାହାଲ ଓ ମୁଦୁଲି ପଡା ର ୩୨ ଟି ଗାଁ ରେ ପାଖାପାଖି ୭ ହଜାର ରୁ ଉର୍ଧ୍ୱ ଲୋକ ବସବାସ କରନ୍ତି ।ଲକଡାଉନ ପରେ ସ୍ଥାନୀୟ ଅଂଚଳରେ ସାପ୍ତାହିକ ହାଟ ବନ୍ଦ ହେବା ପରେ ଅନ୍ୟ ଜିଲ୍ଲା ତଥା କୋରାପୁଟ ଜିଲ୍ଲା ର ଅନକାଡେଲି ହାଟ ଉପରେ ଏମାନେ ନିର୍ଭରଶୀଳ ହେଲେ, ସେଠାକୁ ଆନ୍ଧ୍ର ରୁ ଲୋକେ ଆସୁଥିବାରୁ ସେଠାରୁ ୧୨ଜଣ କରୋନା ରୋଗୀ ଚିହ୍ନଟ ହେଲେ ।ସେଥିପାଇଁ ସ୍ଥିତି ଅନୁଧ୍ୟାନ କରିବା କୁ ବଣ୍ଡାଘାଟି ପହଂଚିଥିଲେ ଜିଲ୍ଲାପାଳ ଯେଦୁଲା ବିଜୟ ।ଦାନ୍ତିପଡା ଯାଇ ସେଠାରେ କରୋନା ର ସ୍ଥିତି କିଭଳି ରହିଛି ତାହା ର ଅନୁଧ୍ୟାନ କରିଥିଲେ । ପରିଶେଷ ରେ ଜିଲ୍ଲାପାଳ କହିଲେ ଆପଣ ମାନଙ୍କ ଅନ୍ୟ କଣ ଅସୁବିଧା ରହିଛି ମତେ କୁହ ।ଆଉ ସେଠାରୁ ଆରମ୍ଭ ହୋଇଯାଇଥିଲା ଜିଲ୍ଲାପାଳ ଙ୍କ ଅଦାଲତ । ସେଠାରେ କରୋନା ଠୁ ଅଧିକ କଷ୍ଟ ଦେଉଥିଲା ସେମାନଙ୍କୁ ମିଳୁନଥିବା ମୌଳିକ ସୁବିଧା ।ଆଉ ଗୋଟିଏ ଛୋଟିଆ ଝିଅ ସୁକାନ୍ତି ମୁଦୁଲି ବଖା ଶିଲା ଗାଁ ର ଦୁର୍ଦ୍ଦଶା ଓ ଦୁର୍ବିସ ରେ ବିତାଉଥିବା ଗ୍ରାମବାସୀଙ୍କ କଥା । ଗାଁ ରେ ୭୦ ରୁ ଅଧିକ ଘର ରହିଛି ହେଲେ ଗାଁ ରେ ଅଙ୍ଗନବାଡ଼ି କେନ୍ଦ୍ରଟିଏ ନାହିଁ ଗାଁ ରେ ଗୋଟିଏ ନଳକୂପ ଅଛି ତାହା ବି ଅଚଳ ।ଗାଁ ରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ବହୁ ବର୍ଷ ହେବ ହେଉନାହିଁ ।ଏବଂ ସବୁଠୁ ବଡ଼ ଅଭିଯୋଗ ହେଉଛି କିଛି ଲୋକ ଏବେ ବି କୁଲି କାର୍ଡ,ବାର୍ଦ୍ଧକ୍ୟ ଭତା ଏବଂ ଅନ୍ୟାନ୍ୟ ଯୋଜନା ରେ ସାମିଲ ହୋଇନାହାନ୍ତି ।ଏବଂ ଯେଉଁ ଚାଉଳ ଏମାନଙ୍କୁ ଦିଆଯାଉଛି ତାହା ନିକିତି ରେ ଏମାନଙ୍କୁ ବାଟବଣା କରାଯାଉଛି ।ଏ ସବୁ ଦେଖି ବ୍ୟତିଥ ହୋଇଯାଇଥିଲେ ଜିଲ୍ଲାପାଳ ।ଏବଂ ଖଇରପୁଟ ବିଡିଓ ଙ୍କ ଉପରେ ବିଗିଡି ଥିଲେ ମଧ୍ୟ ।ଏବଂ ପରେ ସେସବୁ ସମସ୍ୟା ର ସମାଧାନ ୪୮ ଘଂଟା ଭିତରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଦୁଲିପଡା ରେ ଗୋଟିଏ ପରିବା ମାର୍କେଟ କରାଯାଉ ବୋଲି ନିର୍ଦ୍ଦେଶ ଦେବା ସହ ନିଜର ମୋବାଇଲ ନମ୍ବର ସମସ୍ତ ଗ୍ରାମବାସୀ ଙ୍କୁ ଦେଇଥିଲେ କହିଲେ ଯାହା ଅସୁବିଧା ହେଉଛି ସିଧାସଳଖ ମତେ ଯୋଗାଯୋଗ କର ସବୁ ସମସ୍ୟା ର ସମାଧାନ ମୁ ନିଜେ କରିବି ।ଜିଲ୍ଲାପାଳ ଙ୍କ ଏଭଳି ବ୍ୟାଖ୍ୟା ଶୁଣି ଖୁଶି ହୋଇଯାଇଥିଲେ ବଣ୍ଡାଜନଜାତି କାରଣ ପୂର୍ବରୁ କୌଣସି ଜିଲ୍ଲାପାଳ ଏଭଳି କଥା କହିନଥିଲେ ।ଏପଟେ ଜିଲ୍ଲାପାଳ କହିଛନ୍ତି ବଣ୍ଡାଘାଟି ରେ ଏବେ ସ୍ଥିତି ସେଭଳି ଅସମ୍ଭାଳ ହୋଇନାହିଁ ।୧୨ ଆକ୍ରାନ୍ତ ରୁ ୪ ଜଣ ସୁସ୍ଥ ହୋଇ ଫେରିଛନ୍ତି ଆଉ ଅନ୍ୟାନ୍ୟ ସମସ୍ତ ଅସୁବିଧା ଆଗାମୀ ୪୮ ଘଂଟା ମଧ୍ୟରେ ସମାଧାନ କରାଯିବ ।

ବାତ୍ୟା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୨୧/୫ (ନି.ପ୍ର): ବାତ୍ୟା "ୟଶ୍" ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି । ଏହି ବାତ୍ୟା "ୟଶ୍" ଓଡିଶା ଉପକୂଳରେ କିଭଳି ପ୍ରଭାବ ପକାଇବ ସେ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ସୂଚନା ମିଳି ନଥିବା ବେଳେ ସମସ୍ତ ପ୍ରକାର ଜରୁରୀ ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ସମେତ ବ୍ଲକ ଓ ତହସିଲ ପ୍ରଶାସନ ସମେତ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ ଓ ସ୍ୱାସ୍ଥ୍ୟସେବା କୁ ପ୍ରସ୍ତୁତ ରହିବା ପାଇଁ ଗୁରୁବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ପାଣିପାଗ ବିଭାଗର ପ୍ରାକ୍ ଆକଳନ ଅନୁଯାଇ ବଙ୍ଗୋପସାଗର ରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା "ୟଶ୍" ନିଶ୍ଚିତ ଭାବରେ ଉପକୂଳ ଓଡିଶାରେ ପ୍ରଭାବ ପକାଇବ । କେନ୍ଦ୍ରାପଡା ଜିଲ୍ଲା ଉପକୂଳବର୍ତ୍ତୀ ଅଂଚଳ ହୋଇ ଥିବାରୁ ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଆଶଙ୍କା ଦୃଷ୍ଟିରୁ ଏହାର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ଙ୍କ ନିର୍ଦ୍ଦେଶ ମୁତାବକ ଜିଲ୍ଲାପାଳ ଅମ୍ରିତ ରତୁରାଜ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଲାଇନ ଡିପାଟମେଣ୍ଟ ର ଅଧିକାରୀଙ୍କ ସହ ଆଲୋଚନା କରି ଆଗୁଆ ସତର୍କ ଓ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟାର ଗତି ଓ ମାର୍ଗ ନିର୍ଦ୍ଦିଷ୍ଟ ହେଲାପରେ ଆବଶ୍ୟକ ପଡିଲେ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ଓ ୪୧୦ ସ୍କୁଲକୁ ଜନ ସାଧାରଣଙ୍କ ଉଦ୍ଧାର ପରବର୍ତ୍ତୀ ରହଣୀ ପାଇଁ ବ୍ୟବହାର କରାଯିବ । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଇ ଆଶ୍ରୟ ସ୍ଥଳୀର ସୁବିଧା ସୁଯୋଗ ଥିଲେ ଯେକୌଣସି ସ୍କୁଲକୁ ମଧ୍ୟ ହାତକୁ ନିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଆବଶ୍ୟକ ପଡିଲେ ବାତ୍ୟାର ୩୬ଘଣ୍ଟା ପୂର୍ବରୁ ଜନ ସାଧାରଣ ଓ ଗୃହପାଳିତ ପଶୁ ମାନଙ୍କୁ ସ୍ଥାନାନ୍ତର କରାଯିବ । ଜିଲ୍ଲା ଯୋଗାଣ ବିଭାଗ ସେହି ସବୁ ଅଂଚଳରେ ଶୁଖିଲା ଖାଦ୍ୟ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ନିଦ୍ଦେର୍ଶ ଦେଇଛନ୍ତି । ଏହା ସହ ବାତ୍ୟାରେ ବିଦ୍ୟୁତ୍ ସରବରାହ ବ୍ୟାହତ ହେବା ଆଶଙ୍କା ଥିବାରୁ ଜେନେରେଟେର ବ୍ୟବସ୍ଥା କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପିଡି ଦିଲିପ କୁମାର ପରିଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, କରୋନା ନୋଡାଲ ଅଫିସର ସଚିତାନନ୍ଦ ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଆଦର୍ଶ କ୍ଲବ ସଦସ୍ୟ ମାନଙ୍କ ଦ୍ୱାରା ଗାଁ ସାନିଟାଇଜ

କେନ୍ଦ୍ରାପଡ଼ା, ୨୧/୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଗାଁର ଆଦର୍ଶ କ୍ଲବର ସଦସ୍ୟ ମାନେ ଗାଁକୁ ସାନିଟାଇ

ଓଡ଼ିଶା ଶିଳ୍ପ ଜଗତର ଆଦ୍ୟ ପ୍ରତିଷ୍ଠାତା ବଂଶୀଧର ପଣ୍ଡା

ବିଶ୍ୱବିଜୟୀ ଦାଶ

ଓଡ଼ିଶା ଶିଳ୍ପ ଜଗତର ଆଦ୍ୟ ପ୍ରତିଷ୍ଠାତା, ସମାଜସେବୀ, କର୍ତ୍ତବ୍ୟନିଷ୍ଠ ତଥା ପରୋପକାରୀ ମଣିଷ ହେଉଛନ୍ତି ଡ଼ଃ ବଂଶୀଧର ପଣ୍ଡା। ୧୯୩୨ ମସିହା ନଭେମ୍ବର ୨୬ ତାରିଖ ରେ ବଂଶୀଧର ପଣ୍ଡା ଓଡ଼ିଶାର ବାରଙ୍ଗ ସ୍ଥିତ ମଧୁବନ ଠାରେ ଜନ୍ମଗ୍ରହଣ କରିଥିଲେ।

ପିଲାଦିନୁ ଜଣେ ମେଧାବୀ ଛାତ୍ର ଭାବେ ସେ ଜଣାଶୁଣା ଥିଲେ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ପରେ ହାର୍ଭର୍ଡ଼ ଏବଂ ମିଚିଗାନ୍ ଟେକନୋଲୋଜିକାଲ୍ ୟୁନିଭରସିଟିରୁ ଡିଗ୍ରୀ ଓ ଡକ୍ଟରେଟ୍ ହାସଲ କରିଥିଲେ ।

୧୯୬୧ ମସିହାରେ ବିଜୁ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପରେ,ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଜୁ ବାବୁ ବଂଶୀଧର ପଣ୍ଡା ଙ୍କୁ ନିମନ୍ତ୍ରଣ କରିଥିଲେ। ସେତେବେଳେ ବଂଶୀଧର ପଣ୍ଡା ଯୁକ୍ତରାଷ୍ଟ୍ର ଆମେରିକାର ନାସାରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିଲେ।

ଶିଳ୍ପସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖୁଥିବା ବଂଶୀଧର, ବିଜୁ ବାବୁଙ୍କ ନିମନ୍ତ୍ରଣ ରକ୍ଷାକରି, ନିଜ ଚାକିରୀ ଛାଡି ନିଜ ଜନ୍ମମାଟି ଓଡ଼ିଶାକୁ ଫେରିଆସିଥିଲେ ଓ ୧୯୬୧ ମସିହାରେ ଅବିଭକ୍ତ କୋରାପୁଟ ଜିଲ୍ଲାର(ବର୍ତ୍ତମାନ ରାୟଗଡ଼ା ଜିଲ୍ଲା) ଥେରୁବାଲିଠାରେ ଇଣ୍ଡିଆନ ମେଟାଲସ ଆଣ୍ଡ ଫେରୋ ଆଲଏଜ ବା ଇଙ୍ଗା ପ୍ରତିଷ୍ଠା କରିଥିଲେ। ବିଜୁ ବାବୁଙ୍କ କଳିଙ୍ଗ ଟ୍ୟୁବ୍ସ ପରେ, ଇଙ୍ଗା ଓଡ଼ିଶାର ନିଜସ୍ୱ ପ୍ରଯୁକ୍ତିରେ ନିର୍ମିତ ଦ୍ୱିତୀୟ ବୃହତ ଶିଳ୍ପର ମାନ୍ୟତା ପାଇଥିଲା। ଖୋଦ ଓଡ଼ିଶା ମାଟିର ଶିଳ୍ପପତି ଭାବରେ ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ ଏକ ସ୍ୱତନ୍ ପରିଚୟ ରହିଛି।

ବଂଶୀଧର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଇଲା ପଣ୍ଡାଙ୍କ ନୂଆ ନୂଆ ଚିନ୍ତାଧାରାକୁ ଭିତ୍ତି କରି କାର୍ଯ୍ୟ କରି ଆସିଥିବା ଏହି କମ୍ପାନି ବିଶ୍ୱସ୍ତରରେ ନାମ କମାଇଛି। ଫେରୋ ଆଲଏଜ ଉତ୍ପାଦନ କ୍ଷେତ୍ରରେ ଇଙ୍ଗାର ପ୍ରତିଷ୍ଠା ରହିଛି।ମାଇନିଂ ଠାରୁ ଆରମ୍ଭ କରି ସ୍ପେଲଟିଂ ପର୍ଯ୍ୟନ୍ତ ଇଙ୍ଗା ଏକକ ଭାବରେ ସବୁ କିଛି କରିଆସିଛି।

ବଂଶୀଧର ଓ ଇଲା ପଣ୍ଡା ପରବର୍ତ୍ତୀ ସମୟରେ ଚିନ୍ତା କରନ୍ତି ଯେ ଲାଭ ବ୍ୟତୀତ କମ୍ପାନୀର ସାମାଜିକ ଦାୟିତ୍ୱ ବି ରହିଛି। ଏଇଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଯୁବକଙ୍କୁ ତାଲିମ, ପରିମଳ ଓ ପାନୀୟ ଜଳ ତଥା ଭିତ୍ତିଭୂମିର ବିକାଶ ଆଦି ବିଭିନ୍ନ କ୍ଷେତ୍ରରେ ଇଙ୍ଗା କାର୍ଯ୍ୟ ଆରମ୍ଭ କରେ।

ସାହିତ୍ୟ, କ୍ରୀଡା ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ବେଶ୍ କିଛି ଅବଦାନ ରହିଛି। ସାହିତ୍ୟ ପାଇଁ ଶାରଳା ପୁରସ୍କାର ଓ ଖେଳ ପାଇଁ ଏକଲବ୍ୟ ପୁରସ୍କାର ସେଥି ଭିତରୁ ଦୁଇଟି। ସାହିତ୍ୟ କ୍ଷେତ୍ରରେ ଶାରଳା ପୁରସ୍କାରକୁ ଏକ ସର୍ବମାନ୍ୟ ସ୍ୱୀକୃତି ବୋଲି ଧରାଯାଏ।

ଓଡ଼ିଶା ଶିଳ୍ପ ଜଗତର ଆଦ୍ୟ ପ୍ରତିଷ୍ଠାତା ତଥା ଶିଳ୍ପ ଜଗତର ଭୀଷ୍ମ ପିତାମହ ହେଉଛନ୍ତି ଡ଼ଃ ବଂଶୀଧର ପଣ୍ଡା।

୧୯୩୨ ମସିହା ନଭେମ୍ବର ୨୬ ତାରିଖରେ ବଂଶୀଧର ପଣ୍ଡା ଓଡ଼ିଶାର ବାରଙ୍ଗ ସ୍ଥିତ ମଧୁବନଠାରେ ଜନ୍ମଗ୍ରହଣ କରିଥିଲେ।

ପିଲାଦିନୁ ଜଣେ ମେଧାବୀ ଛାତ୍ର ଭାବେ ସେ ଜଣାଶୁଣା ଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ପରେ ହାର୍ଭର୍ଡ଼ ଏବଂ ମିଚିଗାନ୍ ଟେକନୋଲୋଜିକାଲ୍ ୟୁନିଭରସିଟିରୁ ଡିଗ୍ରୀ ଓ ଡକ୍ଟରେଟ୍ ହାସଲ କରିଥିଲେ ।

୧୯୬୧ ମସିହାରେ ବିଜୁ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପରେ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଜୁ ବାବୁ ବଂଶୀଧର ପଣ୍ଡାଙ୍କୁ ନିମନ୍ତ୍ରଣ କରିଥିଲେ। ସେତେବେଳେ ବଂଶୀଧର ପଣ୍ଡା ଯୁକ୍ତରାଷ୍ଟ୍ର ଆମେରିକାର ନାସାରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରୁଥିଲେ।

ଶିଳ୍ପସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖୁଥିବା ବଂଶୀଧର, ବିଜୁ ବାବୁଙ୍କ ନିମନ୍ତ୍ରଣ ରକ୍ଷାକରି, ନିଜ ଚାକିରୀ ଛାଡି ନିଜ ଜନ୍ମମାଟି ଓଡ଼ିଶାକୁ ଫେରିଆସିଥିଲେ ଓ ୧୯୬୧ ମସିହାରେ ଅବିଭକ୍ତ କୋରାପୁଟ ଜିଲ୍ଲାର(ବର୍ତ୍ତମାନ ରାୟଗଡ଼ା ଜିଲ୍ଲା) ଥେରୁବାଲିଠାରେ ଇଣ୍ଡିଆନ ମେଟାଲସ ଆଣ୍ଡ ଫେରୋ ଆଲଏଜ ବା ଇଙ୍ଗା ପ୍ରତିଷ୍ଠା କରିଥିଲେ।

ବିଜୁ ବାବୁଙ୍କ କଳିଙ୍ଗ ଟ୍ୟୁବ୍ସ ପରେ, ଇଙ୍ଗା ଓଡ଼ିଶାର ନିଜସ୍ୱ ପ୍ରଯୁକ୍ତିରେ ନିର୍ମିତ ଦ୍ୱିତୀୟ ବୃହତ ଶିଳ୍ପର ମାନ୍ୟତା ପାଇଥିଲା। ଖୋଦ ଓଡ଼ିଶା ମାଟିର ଶିଳ୍ପପତି ଭାବରେ ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ ଏକ ସ୍ୱତନ୍ ପରିଚୟ ରହିଛି।

ବଂଶୀଧର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଇଲା ପଣ୍ଡାଙ୍କ ନୂଆ ନୂଆ ଚିନ୍ତାଧାରାକୁ ଭିତ୍ତି କରି କାର୍ଯ୍ୟ କରି ଆସିଥିବା ଏହି କମ୍ପାନି ବିଶ୍ୱସ୍ତରରେ ନାମ କମାଇଛି। ଫେରୋ ଆଲଏଜ ଉତ୍ପାଦନ କ୍ଷେତ୍ରରେ ଇଙ୍ଗାର ପ୍ରତିଷ୍ଠା ରହିଛି। ମାଇନିଂଠାରୁ ଆରମ୍ଭ କରି ସ୍ପେଲଟିଂ ପର୍ଯ୍ୟନ୍ତ ଇଙ୍ଗା ଏକକ ଭାବରେ ସବୁ କିଛି କରିଆସିଛି।

ଇଙ୍ଗା ବହୁ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବା ସହିତ, ପାରିପାର୍ଶ୍ୱର ବହୁ ଲୋକଙ୍କ

ଜୀବନମାନରେ ଉନ୍ନତି ଆଣିବାରେ ସକ୍ଷମ ହୋଇପାରିଥିଲା। ଓଡ଼ିଶାରେ ଶିଳ୍ପ ସ୍ଥାପନା ପାଇଁ ଯେଉଁ ମାନସିକ ପ୍ରତିବନ୍ଧକ ଥିଲା ତାହାକୁ ସେ ଭାଙ୍ଗିଥିଲେ। ବଂଶୀଧର 'ଉତ୍କଳ ଚାମ୍ବର ଅଫ କମର୍ସ', 'ଏନ ଆଇଟି ରାଉରକେଲା ପରିଚାଳନା ସମିତି', 'ଆଇ ଆଇଟି ଖଡ଼ଗପୁର ପରିଚାଳନା ସମିତି'ର ଅଧ୍ୟକ୍ଷ ଏବଂ 'ଆଇ ଆଇ ଏମ କଲିକତା ପରିଚାଳନା ସମିତି'ର ସଦସ୍ୟ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ । ଓଡ଼ିଶାର ଶିଳ୍ପ, ସଂସ୍କୃତି, ସାହିତ୍ୟ ଓ ସମାଜସେବା କ୍ଷେତ୍ର ରେ ବଂଶୀଧର ପଣ୍ଡାଙ୍କ ଅବଦାନ ଚିରସ୍ମରଣୀୟ।

ସେ ମଇ ୨୨ ତାରିଖ ୨୦୧୮ ମସିହାରେ ଦୁନିଆ ଛାଡ଼ି ଚାଲିଗଲେ। ଆଜି ତାଙ୍କର ଶ୍ରାଦ୍ଧବାର୍ଷିକ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

+ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮

ଅମୃତସରୀ ଚିକେନ୍ ମସଲା

ମେରିନେସନ ସାମଗ୍ରୀ:
ଚିକେନ-୫୦୦ ଗ୍ରାମ୍, ଅଦା-ରସୁଣ ପେଷ୍ଟ-୨ ଚାମଚ, ଦହି-୩ ଚାମଚ, ଲେମ୍ବୁରସ, ସିର୍‌କା, ଧନିଆ, ଜିରା, ଲାଲ୍ ଲଙ୍କା ପାଉଡର-୧ ଚାମଚ ଲେଖାଏଁ, ଲୁଣ-ସ୍ୱାଦ ଅନୁସାରେ, କଟା ପିଆଜ-ଅଧା ।

ଗ୍ରେଭି ପାଇଁ- ଲହୁଣି-୨ ଚାମଚ, ଲଙ୍କା, ଧନିଆ, ଜିରା, କଟା ଅଦା-୧ ଚାମଚ ଲେଖାଏଁ ପାଣି -୧/୨ କପ୍, ଲୁଣ- ସ୍ୱାଦ ଅନୁସାରେ, ଟମାଟୋ-୬ ଟା,କଞ୍ଚା ଲଙ୍କା-୧ଟି, ଚିନି- ୧/୨ ଚାମଚ, ଲହୁଣି-୩ ଚାମଚ, କ୍ରିମ୍ -୩ ଚାମଚ ।

ପ୍ରଣାଳୀ:
ଏକ ବଡ଼ ବାଉଲ୍‌ରେ ଚିକେନ୍ ନେଇ ସେଥିରେ ଅଦା-ରସୁଣ ପେଷ୍ଟ, ଲେମ୍ବୁ ରସ, ସିର୍‌କା, ଧନିଆ, ଜିରା, ଲଙ୍କା ପାଉଡର, ଲୁଣ ଓ କଟା ପିଆଜକୁ ମିଶାଇ ୨ ଘାଣ୍ଟ ଅଲଗା ରଖନ୍ତୁ । ଏକ ପ୍ୟାନ୍‌ରେ ମଖନକୁ ଗରମ କରି, ସେଥିରେ ଲାଲ୍ ଲଙ୍କା ପାଉଡର ଦେଇ ହାଲୁକା ଭାଜି ଦିଅନ୍ତୁ । ଏବେ ସେଥିରେ ଧନିଆ ଓ ଜିରା ପାଉଡର ଓ କଟା ଯାଇଥିବା ଅଦା ପକାଇ ଭଲ ଭାବରେ ଭାଜି ପାଣି ଦେଇ ମସଲାକୁ ଫୁଟାନ୍ତୁ । ତା' ପରେ ଲୁଣ, କଟାଯାଇଥିବା ଲଙ୍କା, ଟମାଟୋ ଓ ଚିନି ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ଅନ୍ୟ ଏକ ପ୍ୟାନ୍‌ରେ ମଖନ ପକାଇ ଚାରିଆଡ଼େ ଖେଳାଇ ଦିଅନ୍ତୁ ।

ଏବେ ଏଥିରେ ମେରିନେଟ କରାଯାଇଥିବା ଚିକେନକୁ ପକାନ୍ତୁ । ମଖନରେ ଚିକେନକୁ ଭାଜନ୍ତୁ ଓ ପ୍ୟାନ୍‌କୁ ଘୋଡ଼େଇ ଘୋଡ଼େଇ ଚିକେନ୍‌କୁ ପକାନ୍ତୁ । ମଖନରେ ଚିକେନକୁ ଭାଜନ୍ତୁ ଓ ପ୍ୟାନକୁ ଘୋଡ଼େଇ ଘୋଡ଼େଇ ଚିକେନ୍‌କୁ କିଛି ସମୟ ସିଝାଇବାକୁ ହେବ । ଘୋଡ଼ଣି ହଟାଇ ଗ୍ରେଭିରେ କ୍ରିମ୍ ଢାଳନ୍ତୁ । ଭଲ ଭାବରେ ମିଶାଇ ଦିଅନ୍ତୁ । ଏବେ ତା' ଉପରେ ମଖନ, ଧନିଆ ପତ୍ର ଓ କଞ୍ଚା ଲଙ୍କା ପକାଇ ଗାର୍ନିଶ କରନ୍ତୁ ଓ ଗରମ ଗରମ ଖାଆନ୍ତୁ ।

+ଏହି ଉପାୟରେ ମୁହଁରେ ଲଗାନ୍ତୁ ଆଲୋଭେରା

ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚା ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚାରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ। ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ। ଆସନ୍ତୁ ଜାଣିବା ଘରେ ଘିକୁଆଁରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ।

୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ। ସନବର୍ଣ୍ଣ, ମଶ୍ଚୁରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ।
୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ।
୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ। ପରେ ସେଥିରେ ହାଲକା ଗୋଲାପ

ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ। ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ।
୪. ସେହିପରି ତ୍ୱଚାରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ। ଏହାପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ।
୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ୍ୟ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ। ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ।

ତ୍ୱଚା ପାଇଁ ଉପକାରୀ ଅଟା

ଆମ ରୋଷେଇ ଘରଗୁଡ଼ିକରେ ରହୁଥିବା ବିଭିନ୍ନ ସାମଗ୍ରୀଗୁଡ଼ିକୁ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବି ବ୍ୟବହାର କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି ଅଟା। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ତଥା ଏହାର ଚମକ ବଢ଼ାଇବାରେ ବେଶ୍ ସାହାଯ୍ୟ କରିଥାଏ। ତା'ହେଲେ ଆସନ୍ତୁ ଜଣିବା ଅଟାକୁ ବ୍ୟବହାର କରି କେମିତି ଫେସ୍ ପ୍ୟାକ୍ ତିଆରି କରିପାରିବେ। ତା' ସହିତ ସ୍କିନ୍ ଅନୁଯାୟୀ କେମିତି ଅଟାକୁ ବ୍ୟବହାର କରି ଫେସ୍ ପ୍ୟାକ୍ ପ୍ରସ୍ତୁତ କରି ହେବ, ସେ ବିଷୟରେ ବି ଜାଣି ନିଅନ୍ତୁ।

୧- ଯଦି ଆପଣଙ୍କ ତ୍ୱଚା ତେଲିଆ, ତା'ହେଲେ ଅଟା ସହିତ କ୍ଷୀର ମିଶାଇ ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଦୁଇ ଚାମଚ (ଖାଇବା ପାଇଁ ବ୍ୟବହ୍ୟତ ଚାମଚ) ଅଟାରେ ଦୁଇ ଚାମଚ କ୍ଷୀର ମିଶାନ୍ତୁ। ଏହାକୁ ମୁହଁ ସହିତ ବେକରେ ମଧ୍ୟ ଲଗାନ୍ତୁ ଓ ୧୫ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ତା'ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଦେଖିବା ତ୍ୱଚାରୁ ତେଲିଆ ଅଂଶ ଦୂର ହୋଇଯିବ।

୨- ଯଦି ଆପଣଙ୍କ ତ୍ୱଚା କ୍ଲାନ୍ତ ହୋଇଯାଇଛି, ତା'ହେଲେ ତାକୁ ଫ୍ରେଶ୍ କରି ପୂର୍ବ ଚମକ ଫେରାଇ ଆଣିବା ପାଇଁ ଅଟା, ଗୋଲାପ ଜଳ ଓ କ୍ଷୀରକୁ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଓ ବେକରେ ଲଗାନ୍ତୁ। ପରେ ଏହାକୁ ଥଣ୍ଡା ପାଣିରେ ସଫା କରି ଦିଅନ୍ତୁ। ଦେଖିବେ ତ୍ୱଚା ପୁଣି ସତେଜ ହୋଇଯିବ।

୩- ସେହିଭଳି ୨ ଚାମଚ ଅଟା, ୨ ଚାମଚ ଦହି ଓ ଏକ ଚାମଚ ମହୁକୁ ମିଶାଇ ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଏହାକୁ ମୁହଁ ଓ ବେକରେ ଲଗାନ୍ତୁ। ୨୦ ମିନିଟ୍ ପରେ ଏହାକୁ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ହାଇଡ୍ରେଟ୍ କରିବ।

ମଡ୍ୟୁଲାର କିଚେନ୍ ମୋହରେ ମହିଳା

ଗାଁ ଗହଳିରେ ଆଜି ମଧ୍ୟ ମା' ମାଉସୀମାନେ ରୋଷେଇ ଘରକୁ ହାଣ୍ଡିଶାଳ ବୋଲି କହିଥାନ୍ତି । ଏଇ 'ହାଣ୍ଡିଶାଳ' ଶବ୍ଦଟି ପ୍ରକୃତରେ ଖୁବ୍ ଆପଣାର ଲାଗିଥାଏ । ହେଲେ ନଗରୀ, ମହାନଗରୀ ସଭ୍ୟତାରେ ମଡ୍ୟୁଲାର କିଚେନ୍ ଆଧୁନିକତାର ସ୍ପର୍ଶ ଦେଉଛି । ମଡ୍ୟୁଲାର କିଚେନ୍ ଆଖିକୁ ଚକ୍‌ଚକ୍ ଓ ସୁନ୍ଦର ଦେଖାଯାଇଥାଏ, ହେଲେ ଗାଁ ହାଣ୍ଡିଶାଳର ବାସ୍ନା ଏଠାରେ ମିଳିଥାଏ । ନିକଟରେ ଗାଁ ରୋଷେଇ ଘର ଓ ସହରର ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍‌କୁ ନେଇ ଏକ ଅନୁଧ୍ୟାନ କରାଯାଇଥିଲା । ଆଜିକାଲି ୩୪%ରୁ ଅଧିକ ମହିଳା ମଡ୍ୟୁଲାର କିଚେନ୍‌କୁ ପସନ୍ଦ କରୁଛନ୍ତି । କାରଣ ଏହା ଜରିଆରେ ରୋଷେଇ ଘର ସାମଗ୍ରୀ, ଜିନିଷ, ବାସନକୁସନ ସବୁକିଛି ବ୍ୟବସ୍ଥିତ ରହିପାରୁଛି । ହେଲେ ସାଧାରଣ ରୋଷେଇଘରେ ଏସବୁ ବ୍ୟବସ୍ଥା ନଥିବାରୁ ମହିଳାମାନେ ରୋଷେଇରେ ଆଗ୍ରହ ପ୍ରକାଶ କରୁନାହାନ୍ତି ।

♦ ବିଶେଷଜ୍ଞଙ୍କ ମତରେ ଆଗ କାଳରେ ଗୃହିଣୀମାନେ ହେମଦସ୍ତାରେ ମସଲା କୁଟିବା ସହ ଶିଳରେ ବାଟୁଥିଲେ । ସେସବୁ ମସଲା ତରକାରୀ ସୁଆଦିଆ ହେବା ସହ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିଲା । ଆଜିର ନୂଆ ଡିଜାଇନ୍ କିଚେନ୍‌ରେ ଗ୍ରାଇଣ୍ଡର ବଟା ମସଲାରେ ସେଭଳି ସ୍ୱାଦ କିମ୍ବା ବାସ୍ନା ନାହିଁ ।

♦ ଗାଁ ଗହଳିରେ ଆଜି ମଧ୍ୟ ମାଟି ହାଣ୍ଡି, ପାତ୍ରରେ ରୋଷେଇ କରାଯାଉଛି । ହେଲେ ସହରୀ ମଡ୍ୟୁଲାର କିଚେନ୍‌ରେ ଆଲୁମିନିୟମ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍, ନନ୍-ଷ୍ଟିକ୍ ବାସନରେ ପ୍ରୟୋଗ ହେଉଛି । ଯାହାର ଅଧିକ ଅଧିକ ବ୍ୟବହାର କାରଣରୁ ସ୍ୱାସ୍ଥ୍ୟ ଗତ ସମସ୍ୟା ସମୟକ୍ରମେ ଉପୁଜିଥାଏ ।

♦ ମଡ୍ୟୁଲାର କିଚେନ୍‌ରେ ମଧ୍ୟ ମାଟି ପାତ୍ରରେ ରାନ୍ଧିପାରିବେ । ଷ୍ଟିଲ୍ ପରିବର୍ତ୍ତେ ସେରାମିକ୍ ଥାଳିରେ ଖାଦ୍ୟ ଖାଇବା ଭଲ । କିଛି ବର୍ଷ ତଳେ ଲୋକେ ପର୍ବପର୍ବାଣି, ବିବାହ, ବ୍ରତରେ କଦଳୀ ପତ୍ରରେ ପରଷି ଖାଉଥିଲେ । ଆଜିକାଲି କିନ୍ତୁ କାଗଜ ପ୍ଲେଟ୍‌ର ଚାହିଦା ବଢ଼ିବାରେ ଲାଗିଛି ।

♦ ବିଶେଷଜ୍ଞଙ୍କ ମତରେ ଏହି କିଚେନ୍ ପରିଷ୍କାର ରହିଥାଏ । ଜିନିଷ ବ୍ୟବସ୍ଥିତ ରହିବା କାରଣରୁ କାମ କରିବାକୁ ଭଲ ମଧ୍ୟ ଲାଗେ । ହେଲେ ଆମ ପୁରାତନ ପରମ୍ପରାକୁ ନ ଭୁଲି ଆମେ ମସଲାକୁ ସେହିଭଳି ଗୁଣ୍ଡ କରି ଏୟାର୍-ଟାଇଟ୍ ଡବାରେ ରଖିପାରିବା ।

ହାଡକୁ ନଷ୍ଟ କରିଦେବ ଏହି ୪ ଟି ଖାଦ୍ୟ !

ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ। କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ। ଫୁଡ୍ ଓ ନ୍ୟୁଟ୍ରିସନ୍ ଏକ୍ସପର୍ଟଙ୍କ କହିବା ଅନୁସାରେ ଏମିତି ଅନେକ ଖାଦ୍ୟ ଅଛି ଯାହା କ୍ୟାଲସିୟମ୍ ଓ ଭିଟାମିନ୍ ଡି'କୁ ଶରୀରରେ ଠିକ୍ ଭାବେ ବିଶୋଷିତ କରାଇଦେଇ ନ ଥାଏ। ଏହା ଯୋଗୁଁ ହେଉଥିବା କ୍ୟାଲସିୟମ୍ ଅଭାବକୁ ଶରୀର ହାଡ଼ରୁ ନେଇ ପୂରଣ କରିଥାଏ। ଏହାଦ୍ୱାରା ହାଡ଼ ଦୁର୍ବଳ ହୋଇ ଫ୍ୟାକଚର୍ (ଭାଙ୍ଗିବା) ହେବାର ଆଶଙ୍କା ବଢ଼ିଯାଏ।

ନମକିନ୍ ଓ ଚିପ୍ସ : ନମ୍କିନ୍ (ଖଟାମିଠା), ଚିପ୍ସ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ। ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ।

ଚିନିଜାତୀୟ ଖାଦ୍ୟ : ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ। ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ। ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ।

ପ୍ୟାକେଟ୍ ଖାଦ୍ୟ : ପ୍ୟାକେଟରେ ଆସୁଥିବା ପ୍ରୋସେସ୍ଡ (ତିଆରି ହୋଇଥିବା) ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ। ଏହା ଶରୀରରେ କ୍ୟାଲସିୟମ୍ର ମାତ୍ରା କମ୍ କରିଥାଏ। ଏହାଯୋଗୁଁ ହାଡ଼ ଦୁର୍ବଳ ହୋଇଥାଏ।

ଜଙ୍କ୍ ଫୁଡ୍ : ବର୍ଗର, ପିଜ୍ଜା, ପାସ୍ତା ଆଦି ଜଙ୍କ୍ ଫୁଡ୍ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ। ଏହା ମଧ୍ୟ ଶରୀରରେ କ୍ୟାଲ୍ସିୟମ୍ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବିପଦ ପରେ ବିପଦ....

କରୋନା ମହାମାରୀର ଦ୍ୱିତୀୟ ଲହରର ବ୍ୟାପକ ପ୍ରଭାବ ଚଳିତ ମାସ ଶେଷ ପର୍ଯ୍ୟନ୍ତ ରହିବ ବୋଲି ବିଶେଷଜ୍ଞମାନେ ଏବେ ଅନୁମାନ କରୁଛନ୍ତି। କିନ୍ତୁ ଅନ୍ୟ ଯେକୌଣସି ରାଷ୍ଟ୍ର ତୁଳନାରେ ଭାରତରେ ଏହା ଅଧିକ ସମୟ ଧରି କାହିଁକି ତାଣ୍ଡବଲୀଳା ଘଟାଇ ଚାଲିଛି ତାହାର କାରଣ ଜାଣିବାକୁ ମଧ୍ୟ ସେମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ବିପଦ ଟଳିବା ପୂର୍ବରୁ ଦେଶରେ ବ୍ଲାକ୍‌ଫଙ୍ଗସ୍ ଅଥବା ମ୍ୟୁକୋରମାଇକୋସିସ୍‌କୁ ଏକ ମହାମାରୀ ରୂପେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଘୋଷଣା କରିଛନ୍ତି। ଏହି ମର୍ମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ସରକାରମାନଙ୍କୁ ଚିଠି ଲେଖି ଏଥିପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଚିକିତ୍ସା ସହିତ ରାଜ୍ୟର ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କର ବ୍ଲାକ୍ ଫଙ୍ଗସ୍‌ର ଚିହ୍ନଟ, ପରୀକ୍ଷା ଏବଂ ଚିକିତ୍ସା ପରିଚାଳନା ବ୍ୟବସ୍ଥା କରିବା ସକାଶେ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ସରକାରଙ୍କ ଏହି ନିର୍ଦ୍ଦେଶ ନିଶ୍ଚିତ ଭାବେ ବ୍ଲାକ୍ ଫଙ୍ଗସର ପ୍ରଭାବ ଆଗାମୀ ଦିନରେ ସୁଦୂରପ୍ରସାରୀ ହେବାର ଆଶଙ୍କାକୁ ପୁଷ୍ଟ କରେ। କରୋନା ମହାମାରୀର ଗୋଟିଏ ପରେ ଗୋଟିଏ ଲହର ସାରା ଦେଶକୁ ଏବେ ଆତଙ୍କିତ ଅବସ୍ଥାରେ ରଖିଛି। ଏହାକୁ ନିୟନ୍ତ୍ରଣକୁ ଆଣିବ ସକାଶେ ସରକାର ସବୁମତେ ପ୍ରୟାସ ଜାରି ରଖିଛନ୍ତି। ଦୈନିକ ନୂତନ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ବେଳେ ମୃତ୍ୟୁସଂଖ୍ୟା ଚାରି ହଜାର ଉପରେ ରହିବା ସମସ୍ତଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଏବେ ବିଭିନ୍ନ ରାଜ୍ୟର ଚିକିତ୍ସକମାନେ ଚେତାବନୀ ଦେଇଛନ୍ତି ଯେ, କରୋନା ସଂକ୍ରମଣ ସହିତ ଦେଶରେ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ମଧ୍ୟ ମହାମାରୀର ରୂପ ଧାରଣ କରିପାରେ। ପ୍ରାୟ ଦୁଇ/ତିନି ସପ୍ତାହ ପୂର୍ବେ ସର୍ବପ୍ରଥମେ ଏହା ଉପରେ ଚର୍ଚ୍ଚା ଜୋର୍ ଧରିଥିଲା। ସେତେବେଳେ ମହାରାଷ୍ଟ୍ର ଓ ଗୁଜୁରାଟର କେତେକ କରୋନା ରୋଗୀଙ୍କଠାରେ ଏହି ଲକ୍ଷଣ ଓ ଫଙ୍ଗାଲ୍ ସଂକ୍ରମଣ ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା ସରକାର ବ୍ଲାକ୍ ଫଙ୍ଗସ୍‌କୁ ମହାମାରୀ ବୋଲି ନିଜ ନିଜ ରାଜ୍ୟରେ ଘୋଷଣା କରିସାରିଛନ୍ତି। ସେହିସବୁ ରାଜ୍ୟରେ ଏବେ ଏଭଳି ରୋଗୀଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କୁ ପୃଥକ୍ ଭାବେ ଚିକିତ୍ସା କରାଯାଉଛି। ଯଦିଚ ଏହା ଏକ ବିରଳ ଫଙ୍ଗାଲ୍ ସଂକ୍ରମଣ, ତଥାପି କରୋନା ଏହାର ସଂକ୍ରମଣକୁ ଯଥେଷ୍ଟ ମାତ୍ରାରେ ସହାୟକ ହେଉଛି ବୋଲି ଚିକିତ୍ସାବିଜ୍ଞାନୀମାନେ ବିଶ୍ୱାସ କରନ୍ତି। ଯେହେତୁ କରୋନା ଏକ ଭୂତାଣୁ ସଂକ୍ରମିତ ସର୍ଦ୍ଦି-ଜାତୀୟ ରୋଗ ଏବଂ ତାହା ଜଣେ ଆକ୍ରାନ୍ତ ବ୍ୟକ୍ତିଙ୍କ ଗଳାଠାରୁ ନେଇ ଫୁସ୍‌ଫୁସ୍ ଓ ଶରୀରର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପ୍ରତ୍ୟଙ୍ଗକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ, ବ୍ଲାକ୍ ଫଙ୍ଗସ୍ ବା ମ୍ୟୁକୋରମାଇକୋସିସ୍ ଭୂତାଣୁ କରୋନା ଆକ୍ରାନ୍ତ ରୋଗୀଙ୍କ ଦୁର୍ବଳ ଶରୀରକୁ ଅଧିକ ମାତ୍ରାରେ ସଂକ୍ରମିତ କରୁଛି। ଡାକ୍ତରମାନଙ୍କ କହିବା ଅନୁସାରେ- ଏହା ରୋଗୀଙ୍କ ଶରୀରକୁ କୌଣସି କ୍ଷତ, ପୋଡ଼ା ଘାଆ ଅଥବା ସେହିଭଳି କୌଣସି ପ୍ରକାର ଚର୍ମରୋଗାକ୍ରାନ୍ତ କ୍ଷତ ମାଧ୍ୟମରେ ପ୍ରବେଶ କରିଥାଏ। ଏହି ଫଙ୍ଗସ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ଶ୍ୱାସଯନ୍ତ୍ର, ନାସାନଳୀ ଏବଂ ମସ୍ତିଷ୍କକୁ ଯଥାଶୀଘ୍ର ଆକ୍ରାନ୍ତ କରିଥାଏ; ଯେହେତୁ ଏହା ଏକ ଫଙ୍ଗାଲ୍ ସଂକ୍ରମଣ। ଏହା ତୁରନ୍ତ ରୋଗୀ ଶରୀରର ପ୍ରମୁଖ ଅଙ୍ଗକୁ ଅକାମି କରିଦେବାର କ୍ଷମତା ରହିଛି। ଏବେସୁଦ୍ଧାଦ ବିଭିନ୍ନ ରାଜ୍ୟରେ ଚିହ୍ନଟ ହୋଇଥିବା ରୋଗୀଙ୍କଠାରେ ସେହିଭଳି ଲକ୍ଷଣ ଏବଂ ପ୍ରଭାବ ଦେଖାଯାଇଛି। ବିଶେଷକରି ରାଜସ୍ଥାନର ସଓ୍ୱାଇ ମାନସିଂହ ହସପିଟାଲରେ ଶତାଧିକ ବ୍ଲାକ୍ ଫଙ୍ଗସ୍ ସଂକ୍ରମିତ ରୋଗୀଙ୍କ ଚିକିତ୍ସା ଏବେ ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ କେନ୍ଦ୍ର ସରକାର ଏହାକୁ ମହମାରୀ ଘୋଷଣା କରିବା ବାସ୍ତବିକ୍ ସମୟୋଚିତ। କେବଳ ମହାମାରୀ ଘୋଷଣା କଲେ ଯେ, ସମସ୍ୟାର ସମାଧାନ ହୋଇଯିବ ତାହା ନୁହେଁ, ଏହାର ସମ୍ଭାବ୍ୟ ସଂକ୍ରମଣକୁ ରୋକିବା ଏବଂ ସଂକ୍ରମିତଙ୍କ ଉପଯୁକ୍ତ ଚିକିତ୍ସା ପ୍ରାବଧାନ କରିବା ମଧ୍ୟ ଜରୁରି। ବେଢ଼ି ଉପରେ କରୋଡ଼ା ଭଳି ଏବେ ଦେଶପାଇଁ ଗୋଟିଏ ପରେ ଗୋଟିଏ ବିପଦ ଦେଖାଦେଇଛି। ତାହା କରୋନା ମହାମାରୀ ହେଉଥାଉ କିମ୍ବା ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା ତୋକ୍‌ତେ। ଏହା ସାଙ୍ଗକୁ ବ୍ଲାକ୍ ଫଙ୍ଗସ୍‌ର ଆତଙ୍କ ଜନସାଧାରଣଙ୍କ ପାଇଁ ଅଧିକ ବିପଦ ଆଣିପାରେ।

ପତ୍ନୀ...

ବୃନ୍ଦାବନ ଦାସ

ହାତଧରି ଚାଲିବାର ସବୁମନ୍ତ୍ର
ସେ ହିଁ କେବଳ ଜପିବ
ଯାବତୀୟ ଜଞ୍ଜାଳ ସାଙ୍ଗକୁ
ପତିବ୍ରତାର ସିନ୍ଦୁର ନାଇ
ସାଣ୍ଢଣାର ଚାବିପେଣ୍ଟା
ଅଣ୍ଟାରେ ଖୋସି
ଆଗକୁ ବଢିବାର
ସାହସ ତାକୁହିଁ ଜୁଟେଇବାକୁ ହେବ।

ବିହି କାଳେ ଲେଖିଦେଇଛି
ତା' କପାଳରେ
ଦୁହିତା ଦୁଇ କୂଳକୁ ହିତା
ହାତକାଟିରେ
ଦସ୍ତଖତ କରିଦେଇଛି ତେଣୁ ସେ
ପାହାନ୍ତି ଆକାଶରୁ
ବାଳସୂର୍ଯ୍ୟକୁ
ସଙ୍ଗୋଳି ଆଣିବାର ଦାୟିତ୍ୱ ତା'ର
କୁଆଁତାରା ମୁଣ୍ଡ ଉପରେ
ନ'ହେବାଯାଏଁ
ଆଖିକୁ ଆସିବନି ନିଦ ତା'ର ।

ରାତି ନ'ପାହୁଣୁ
ଦାଣ୍ଡ ଅଗଣାଠୁଁ ଠାକୁର ଘର
ଓଳେଇ ଓଳେଇ
ରାସ୍ତା ତିଆରେ
ସେ ଲକ୍ଷ୍ମୀପାଦ ବିଜେପାଇଁ
ସକାଳ ସଞ୍ଜ ଚଉଁରାମୂଳେ
ଶୁଭ ମନାସୁଥିବ
ଆଖିକୋଣୁ ଝରିପଡୁଥିବା
କେଇଟୋପା ଲୁହରେ ।

ଦାସୀ ହେବାକୁ ଯେ ସଂକଳ୍ପ କରିଛି
ବାସନ ମାଜିବ
ସଜେଇବ ଶେଜ ସୁପାତି
ଘସିଦେବ ପାଦ
ବିଛେଇଦେଇ ନିଜକୁ
ଇଚ୍ଛାରେ ହେଉ କି
ଅନିଚ୍ଛାରେ ବିତରିଦେବ ଅମୃତ ।

ପତ୍ନୀ ବୋଲି ତ'
ସମୟ ସହ ସନ୍ଧିପତ୍ରରେ
ସେ ଚୁକ୍ତିବଦ୍ଧା,
ଜାଣିନି କେଉଁ ଆରମ୍ଭଠୁଁ
କେଉଁ ଶେଷଯାଏଁ
ଚାଲୁଥିବ ଏମିତି ସେ
ନିଜକୁ ଛପେଇ ନିଜ ଛାଇ
ଉହାଡରେ। ଅଅଅ

+ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା-୭୫୪୨୮୯
ଦୂରଭାଷ-୯୭୭୭୮୪୩୦୩୧

ଆତ୍ମନିର୍ଭରଶୀଳତାର ନୂଆ ସଂକଳ୍ପ

ଡକ୍ଟର ଲକ୍ଷ୍ମଣ ସାହୁ

ଏକଦା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୀ କହିଥିଲେ ଯେ ମାନବ ଶରୀର, ମନ, ବୁଦ୍ଧି ଏବଂ ଆତ୍ମା ଏହି ଚାରୋଟି ଜିନିଷରେ ଗଠିତ ବୋଲି ଗୁରୁତ୍ୱ ଦେଇଥିଲେ । ଯେକୌଣସି ରାଜନୈତିକ ଦଳ, ବ୍ୟକ୍ତି, ପରିବାର, ସମାଜ ତଥା ଜାତିର ସାମଗ୍ରିକ ବିକାଶକୁ ବିକାଶ କରିବାକୁ ଚାହୁଁଛନ୍ତି, ତେବେ ଏହି ଚାରିଟି ବିଷୟରେ ପ୍ରଥମେ ଗୁରୁତର ସହ ଏକତ୍ର ଚିନ୍ତା କରିବା ଉଚିତ୍ । ଯାହାଫଳରେ ଶରୀର, ମନ, ବୁଦ୍ଧି ଏବଂ ପ୍ରାଣର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ । ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବକା ସାଥ, ସବକା ବିକାଶ ସ୍ଲୋଗାନ ଦେଇଥିଲେ, ଏହାର ଆଧାର ଯେ କେବଳ ମାର୍ଗଦର୍ଶକ ଦୀନଦୟାଲଜୀଙ୍କ 'ମାନବବାଦ' ଉପରେ ପର୍ଯ୍ୟବେସିତ ଥିଲା । ଏକ ଦୃଢ ତଥା ଆତ୍ମ ସମ୍ମାନକାରୀ ଭାରତ ଗଠନ କରିବା ସହିତ ଆତ୍ମନିର୍ଭରଶୀଳ ଭାରତର ସଂକଳ୍ପ ପୂରଣ କରିବା ପାଇଁ ଦୀନଦୟାଲଜୀ ଦେଇଥିବା ଲକ୍ଷ୍ୟ ଅତ୍ୟନ୍ତ ଜରୁରୀ ଅଟେ, ଏହାର ମର୍ମ ହୃଦୟଙ୍ଗମ କରିଥିଲେ । ଦୀର୍ଘ ଦିନର ପ୍ରୟାସ ପରେ ହାସଲ ହୋଇଥିବା ରାଜନୀତିକ ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଏହାକୁ ବ୍ୟବସ୍ଥା କରିବା ଉଚିତ ବୋଲି ସେ କହିଛନ୍ତି । କୁହାଯାଇପାରେ ଯେ ଯଦି ୧୯୭୫ ରୁ ୧୯୭୭ ପର୍ଯ୍ୟନ୍ତ ସମୟ ପରିତ୍ୟାଗ କରାଯାଏ, ତେବେ ଭାରତର ରାଜନୈତିକ ସ୍ୱାଧୀନତା ଉପରେ ଏହା କେବେ ପ୍ରଭାବିତ କରି ପାରି ନାହିଁ।

ଦ୍ୱିତୀୟତଃ ଦୀନଦୟାଲଜୀ କହିଥିଲେ ଯେ ସଙ୍କଟରେ ପଡ଼ିଥିବା ଆମର ଗଣତାନ୍ତ୍ରିକ ବ୍ୟବସ୍ଥାର ସମାନ ଅର୍ଥନୈତିକ ଯୋଜନା ନାହିଁ । ତାଙ୍କର ଏଭଳି କହିବାର ଦୃଷ୍ଟିକୁ ବିଚାର କଲେ ସ୍ପଷ୍ଟ ମନେହେବ ଏହା ଏକ ବିଷୟ ଯାହା ଆତ୍ମନିର୍ଭରଶୀଳ ଭାରତର ସଂକଳ୍ପ ସହିତ ଘନିଷ୍ଠ ଅଟେ । ମାନବ କଲ୍ୟାଣ ଏବଂ ବିଶେଷକରି ଦୀନଦଲଜୀଙ୍କ ଅର୍ଥନୈତିକ ମଡେଲର କେନ୍ଦ୍ରରେ ସମାଜର ଶେଷ ପର୍ଯ୍ୟାୟରେ ଠିଆ ହୋଇଥିବା କଲ୍ୟାଣକାରୀ ଏକ ସୁକଳ୍ପିତ ବାର୍ତ୍ତା , ଏହି ଦୃଷ୍ଟିରୁ ବିଚାର କଲେ ମହାନ୍ ବ୍ୟକ୍ତି ବିଶେଷ ସେ ଥିଲେ। ସ୍ୱାଧୀନ ଭାରତରେ ଦୀର୍ଘ ଦିନ ଧରି ଏହି ଦିଗରେ ଆନ୍ତରିକ ଉଦ୍ୟମ କରାଯାଇ ନଥିଲା । ଅଟଳଜୀ ପ୍ରଧାନମନ୍ତ୍ରୀ ହେବା ପରେ ଏହାର ସୁଗମ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେ ଧାନର ମୁଖ୍ୟ ଦ୍ୱାର ଖୋଲି ଦେଶର ଗରିବ ଲୋକଙ୍କୁ ଆଣ୍ଠୋଡାୟା ଯୋଜନା ଅଧୀନରେ ସୁଲଭ ମୂଲ୍ୟରେ ଖାଦ୍ୟ ଶସ୍ୟ ଯୋଗାଉଥିଲେ । ଏଥିପାଇଁ ସାଧାରଣ ଭାରତୀୟମାନେ ମଧ୍ୟ ସମ୍ମାନଜନକ ଜୀବନଯାପନ କରିବାର ସୁଯୋଗ ପାଆନ୍ତି । କାରଣ ଏହି ପ୍ରଧାନମନ୍ତ୍ରୀ ମୋଦୀ ଜନ ଧନ, ଉଜଓ୍ୱାଲା ଭଳି ଅନେକ ଯୋଜନା ଆରମ୍ଭ କରିଛନ୍ତି। ଦୁଇ ବର୍ଷ ପୂର୍ବେ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ଗରୀବ ଲୋକଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଦେଶର ଦଶ କୋଟି ଗରିବ ପରିବାରକୁ ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କା ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ଯେ ୨୦୨୨ ସୁଦ୍ଧା ଦେଶର ପ୍ରତ୍ୟେକ ଗରିବ ଲୋକଙ୍କର ମୁଣ୍ଡ ଉପରେ ଛାତ ରହିବ । ଏକଥା ସତ୍ୟଯେ ଗରିବୀ ଯୋଜନାରେ ଅନ୍ତ ନାହିଁ , କିନ୍ତୁ ତାହା ସାଧାରଣରେ ଗରିବମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। କେବଳ ବାଟବଣା ହୁଏ ଯୋଜନା, ତାହା ସମସ୍ତଙ୍କୁ ଭଲଭାବରେ ଜଣା । ଯୋଜନା ଥାଏ ସତ, କିନ୍ତୁ ସମସ୍ତ ଯୋଜନା କେବଳ କାଗଜ କଲମ ଭିତରେ ଲୁଚି ଯାଏ । ପ୍ରକୃତ ହିତାଧିକାରୀ ବଞ୍ଚିତ ହୁଏ । ଯେତେବେଳେ ଦୀନଦୟାଲଜୀଙ୍କ ବିଷୟରେ କଥାବାର୍ତ୍ତା କରାଯାଏ, ପ୍ରଥମ କଥା ଲୋକମାନେ ତାଙ୍କ ବିଷୟରେ ମନେପକାନ୍ତି - ପ୍ରତ୍ୟେକ କ୍ଷେତ୍ରକୁ ଜଳ ଦିଅ, ପ୍ରତ୍ୟେକ ହାତ ପାଇଁ କାମ ଦିଅ । ଦୁର୍ଭାଗ୍ୟ ଯେ କେତେକ ନ୍ୟସ୍ତ ସ୍ୱାର୍ଥ ହେତୁ ଏହି ଦେଶର କୃଷକମାନଙ୍କୁ ସେମାନଙ୍କର ପରିଶ୍ରମର ସମ୍ପୂର୍ଣ୍ଣ ଫଳ ପାଇବା ପାଇଁ କଦାପି ସୁବିଧା ଦିଆଯାଇନଥିଲା । ସେମାନେ ସେମାନଙ୍କ ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ ହେଉଥିଲେ । ବର୍ତ୍ତମାନ ଏହାକୁ ଆଖି ଆଗରେ ରଖି, ଏହିପରି ତିନୋଟି ନିୟମ ପ୍ରଣୟନ କରାଯାଇଛି, ଯାହା କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଭଲ ମୂଲ୍ୟ ଦେବାରେ ସାହାଯ୍ୟ କରିବ। ଏହି ତିନୋଟି ନିୟମ ଲାଗୁ ହେବା ପରେ ଦେଶର ପ୍ରତ୍ୟେକ କୃଷକ, ଦେଶର ଯେକୌଣସି ଠାରେ ଥିଲେ ମଧ୍ୟ ସେ ତାର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଇପାରିବ।

ଏକଥା କେହି କେବେ ଭୁଲି ଯିବା ଉଚିତ୍ ନୁହେଁ ଯେ ଭାରତ ଏକ କୃଷି ପ୍ରଧାନ ଦେଶ । କୃଷକ ହିଁ ଦେଶର ମେରୁଦଣ୍ଡ । ଭାରତର ଗ୍ରାମାଞ୍ଚଳରେ ଅଧିକାଂଶ ନାଗରିକ କୃଷିକୁ ନିଜର ମୁଖ୍ୟ ଜୀବିକା ରୂପେ ଗ୍ରହଣ କରି ଚଳନ୍ତି । ତେଣୁ ସେମାନଙ୍କ ଉତ୍ପାଦିତ ବଳକା ଶସ୍ୟ ବିକ୍ରୟ ପାଇଁ ମାଗଣା ବ୍ୟବସ୍ଥା କରାଯାଇଛି । ଏହି ଐତିହାସିକ କୃଷି ସଂସ୍କାର କୃଷକଙ୍କ ନାମରେ ଯେଉଁମାନେ ନିଜର ସ୍ୱାର୍ଥ ହାସଲ କରୁଥିଲେ, ଏବେ ସେମାନଙ୍କ ପାଦ ତଳେ ଜମି ଖସି ଯାଇଛି । ତେଣୁ, ଏକ ସୁଚିନ୍ତିତ ଭୁଲ ବୁଝମଣା ସୃଷ୍ଟି ହେଉଛି ଯେ ସରକାର ସର୍ବନିମ୍ନ ସମର୍ଥନ ମୂଲ୍ୟ ଅର୍ଥାତ୍ ଏମଏସପି ସିଷ୍ଟମକୁ ଶେଷ କରିବାକୁ ଚାହୁଁଛନ୍ତି, ଯେତେବେଳେ ଏଭଳି ସତ୍ୟ ବିପରୀତ ରୂପ ନିଏ। ଏହାକୁ ଶେଷ କରିବାର ଉଦ୍ଦେଶ୍ୟ ନା ଥିଲା, କିମ୍ବା ଏହା କେବେ ସମ୍ଭବ ହେବ ନାହିଁ କି ଘଟିବ ନାହିଁ। ଏପରିକି ମାଣ୍ଡି ବ୍ୟବସ୍ଥା ମଧ୍ୟ ବଜାୟ ରଖିବାକୁ ଚେଷ୍ଟା କରାଯାଇଛି। କୃଷକଙ୍କ ସ୍ୱାର୍ଥ ଏବଂ କଲ୍ୟାଣ ପାଇଁ ପ୍ରତିବଦ୍ଧତା ଦୀନଦୟାଲଜୀଙ୍କ ସମୟରୁ ଆଗତ ହୋଇଆସୁଛି ସତ, କିନ୍ତୁ ତାହାର କାର୍ଯ୍ୟକାରୀ କେବେ ହୋଇପାରେ ନାହିଁ । ଦୀନଦୟାଳାଲ ଜୀଙ୍କର ତୃତୀୟ ଚିନ୍ତା ଥିଲା ଯେ ଦେଶର ସାଂସ୍କୃତିକ ମୂଲ୍ୟବୋଧକୁ ଉପଯୁକ୍ତ ଭାବରେ ସୁରକ୍ଷା ଦେବା ଉଚିତ୍। ସଂସ୍କୃତି ଦେଶର ପ୍ରତୀକ , ଯେଉଁ ଦେଶର ସାଂସ୍କୃତିକ ମୂଲ୍ୟବୋଧ ଯେତେ ବଳିଷ୍ଠ, ସେ ଦେଶ ସେତେ ମହାନ୍। ବିଗତ ଶତାବ୍ଦୀ ଶତାବ୍ଦୀ ଧରି ଦେଶରେ ରହିଆସିଥିବା ଉଚ୍ଚ ସାଂସ୍କୃତିକ ମୂଲ୍ୟବୋଧ ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳୁନାହିଁ । ଯଦି କେହି ଜଣେ ଭାରତୀୟ କୌଣସି ସ୍ଥାନକୁ ବା ଅନ୍ୟ ଦେଶକୁ ଯାଆନ୍ତି ତେବେ ଭାଇ ବନ୍ଧୁ- କୁଟୁମ୍ବ ବାର୍ତ୍ତା ମଧ୍ୟ ସେ ସ୍ଥାନ ବା ଦେଶକୁ ଯାଇଥାଏ। ତେଣୁ କୁହାଯାଏ ଭାରତୀୟମାନେ ସଂସ୍କୃତି ସମ୍ପନ୍ନ ଅଟନ୍ତି ।

ଚତୁର୍ଥ ଜାତୀୟ ଲକ୍ଷ୍ୟ ଦୀନଦୟାଲ ଜୀଙ୍କ ସାମରିକ ଦୃଷ୍ଟିକୋଣରୁ ଏହାକୁ ଗୁରୁତ୍ୱ ଦିଆଯାଇଥିଲା, ଆତ୍ମରକ୍ଷା ପାଇଁ ସକ୍ଷମ ହେବା ଜରୁରୀ ଅଟେ । ଭାରତୀୟ ରଣନୀତି ନୀତି ଏବଂ ଅର୍ଥନୈତିକ ନୀତିର ସମନ୍ୱୟ ଘଟିଲେ ଆତ୍ମନିର୍ଭରଶୀଳ ଭାରତର ସଂକଳ୍ପକୁ ପୂରଣ କରିପାରିବ । ଦୀନଦୟାଲଜୀଙ୍କ ପଞ୍ଚମ ଲକ୍ଷ୍ୟ ହେଉଛି ଅର୍ଥନୈତିକ ସ୍ୱଧୀନତା । ଯେଉଁଥିରୁ ଭାରତ ଆତ୍ମନିର୍ଭରଶୀଳ ହେବାର ପ୍ରତିଧ୍ୱନୀ ଶୁଭେ । ପ୍ରଧାନମନ୍ତ୍ରୀ ଏସଂପର୍କରେ ଏହା ସ୍ପଷ୍ଟ କରିଛନ୍ତି । ସେ ଭାରତରେ ଉତ୍ପାଦନକୁ ପ୍ରୋତ୍ସାହିତ କରିଛନ୍ତି । ପ୍ରତିଶ୍ରୁତି ଦେଇଛନ୍ତି, ଭାରତରେ ଆତ୍ମନିର୍ଭରଶୀଳ ହୋଇପାରିବା ଭଳି ଯୋଜନା ପ୍ରସ୍ତୁତ ହୋଇରହିଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଦେଶରେ ଉତ୍ପାଦନ ବୃଦ୍ଧି ପାଇଁ ଅନେକ ନିଷ୍ପତ୍ତି ନିଆଯାଇଥିଲା । ଏହା ସତ୍ତ୍ୱେ ଉତ୍ପାଦନ କ୍ଷେତ୍ର ଭାରତର ଜିଡିପିର ୧୫% ଅଂଶ ଉପରକୁ ଉଠିପାରିଲା ନାହିଁ । ଏବେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ପରିସ୍ଥିତିରେ ଭାରତ ବଦଳି ଯାଇଛି, ଅନେକ କ୍ଷେତ୍ରରେ ସୁଧାର ଆସିଛି । ସମସ୍ତ ଆହ୍ୱାନର ସମାଧାନ ଘଟିଛି । ଯାହା କରାଯାଉଛି ଅନେକ ଥର ତାହାକୁ ଲୋକ ଲୋଚନକୁ ଅଣାଯାଇଛି ଓ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଉଦ୍ୟମ ପ୍ରସାରିତ କରାଯାଇଛି ।

'ମେକ୍ ଇନ୍ ଇଣ୍ଡିଆ'ରେ ଗଠନ କରିବାର ସ୍ୱପ୍ନ ? ସ୍ୱପ୍ନର ଭାରତ, ସୁନାର ଭାରତ ଗଢି ତୋଳିବାର ଇଚ୍ଛା ଶକ୍ତି ଓ ଦମ୍ଭୋକ୍ତି ଭାରତୀୟ ମାନଙ୍କ ନିକଟରେ ଉଦ୍ରେକ ହେବାର ଯଥେଷ୍ଟ ଆବଶ୍ୟକ ରହିଛି । ବାହ୍ୟ ଆକ୍ରମଣରୁ ଦେଶକୁ ସୁରକ୍ଷିତ ରଖିବା ନିମନ୍ତେ ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ପ୍ରତିରକ୍ଷା କ୍ଷେତ୍ରରେ ନିଆଯାଇଥିବା ଦୁଇଟି ନିଷ୍ପତ୍ତି ବିଷୟରେ ବିଷଦ ଆଲୋଚନା କରିଛନ୍ତି। ସମ୍ପ୍ରତି ୧୦୧ ପ୍ରତିରକ୍ଷା ଉପକରଣର ଏକ ସକାରାତ୍ମକ ତାଲିକା ପ୍ରକାଶ କରି ତାହା ମାଧ୍ୟମରେ ନିଷ୍ପତ୍ତି ନେଇଛନ୍ତି ଯେ ପ୍ରତିରକ୍ଷା କ୍ଷେତ୍ରରେ ସମସ୍ତ ଉପକରଣ ଆଉ ବାହାରୁ ଆମଦାନୀ ହେବ ନାହିଁ। କିନ୍ତୁ ଏଠାରେ ଉପସ୍ଥିତ ଥିବା କମ୍ପାନୀଗୁଡିକ ଦ୍ୱାରା ତାହା ଉତ୍ପାଦିତ ହେବ । ଏଥିପାଇଁ ଏହି ନିଷ୍ପତ୍ତି ଅନୁଯାୟୀ ବର୍ଷରେ ୫୨୦୦୦ କୋଟି ଟଙ୍କା ମୂଲ୍ୟର ଉତ୍ପାଦନ ସୁଯୋଗ ସୃଷ୍ଟି କରାଯାଇଛି। ବିଶ୍ୱାସ ରହିଛି ଯେ ଯେତେବେଳେ ଏହା ସ୍ଥାନୀୟ ପାଇଁ ସ୍ୱର ଉତ୍ତୋଳନ କରେ, ସେତେବେଳେ ଏହା କେବଳ ଭାରତରେ ସହଜରେ ତିଆରି ଜିନିଷ ପାଇବା ନାହିଁ, କିନ୍ତୁ ଏହି ଉତ୍ସାହ ଦ୍ୱାରା ସେହି ଜିନିଷଗୁଡ଼ିକ ଭାରତରେ ତିଆରି ହେବା ଆରମ୍ଭ ହେବ। ଯାହା ଆଜି ତିଆରି ହୋଇନାହିଁ ତାହା ଆସନ୍ତା ଦିନରେ ତିଆରି ହେବ। ଏହା ଦ୍ୱାରା ଶ୍ରମିକ ମାନେ ହାତକୁ କାମ ପାଇବେ ଓ ପେଟକୁ ଦାନା ପାଇବେ । ବିଶେଷ କରି ଦେଶରେ, ଶ୍ରମିକମାନଙ୍କ ପାଇଁ ଅନେକ ଗୁଡ଼ିଏ ଆଇନର ନିୟମ ଥିଲା, ଯାହାଫଳରେ ସେମାନେ ସେମାନଙ୍କ ଅଧିକାର ପାଇବା ପ୍ରାୟ ଅସମ୍ଭବ ହେଉଥିଲା । ବର୍ତ୍ତମାନର ସରକାର ସଂସଦରେ ନୂତନ ବିଲ୍ ପାରିତ କରି ଦେଶରେ ନୂତନ ଶ୍ରମ ସଂସ୍କାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ନୂତନ ଶ



କାର୍ତ୍ତିକ ସାଇଁ

ବିଜ୍ଞାନ ଟୁଙ୍ଗି - ୪୨

ଆମେରିକାର ମହାକାଶ ଷ୍ଟେସନ୍-ସ୍କାଇଲାବ୍

ମହାକାଶକୁ ମଣିଷକୁ ପଠାଇବା ଏତେ ସହଜ କାମ ନୁହେଁ। ଏଥିଲାଗି ବର୍ଷ ବର୍ଷର ଗବେଷଣା ଓ ପରୀକ୍ଷଣ ଆବଶ୍ରକ। ବିନା ଯାତ୍ରୀରେ ମହାକାଶକୁ ମହାକାଶ ଯାନକୁ ପଠାଇ ତାକୁ ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଆଣିବା ହେଉଛି ପ୍ରଥମ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଆମେରିକା ଓ ସୋଭିଏତ୍ ଋଷିଆ ସେହିପରି ଅନେକ ପରୀକ୍ଷଣରେ ସଫଳତା ପାଇଲା ପରେ ମହାକାଶ ଯାତ୍ରୀଙ୍କ ମହାକାଶକୁ ପଠାଇଥିଲେ।

ଭାରତ ମଧ୍ୟ ସେହି ପଦକ୍ଷେପ ନେବ। ମହାକାଶକୁ ଯାତ୍ରୀ ପଠାଇବା ଆଗରୁ ଦୁଇଥର ବିନାଯାତ୍ରୀରେ ମହାକାଶ ଯାନକୁ ମହାକାଶକୁ ପଠାଯାଇ ସୁରକ୍ଷିତ ଭାବରେ ଫେରାଇ ଆଣିବା ପରେ ଅନ୍ୟସବୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଭାରତରୁ କିଛି ବାୟୁସେନା ଅଫିସର୍ ଋଷିଆରେ ମହାକାଶ ଯାତ୍ରା ଲାଗି ପ୍ରଶିକ୍ଷଣ ନେଉଛନ୍ତି।

ସୋଭିଏତ୍ ଋଷିଆ ଭାଗ ଭାଗ ହୋଇ ଯାଇଥାଏ। ସେଇ ସମୟରେର ଋଷିଆ ଓ ଆମେରିକା ମଧ୍ୟରେ ମହାକାଶ ଯାତ୍ରା ସମ୍ପର୍କରେ ସହଯୋଗ ଆରମ୍ଭ ହୋଇ ଯାଇଥାଏ। ଆମେରିକାର ସଟଲ୍ ମହାକାଶ ଯାନ ମିର୍ ମହାକାଶ ଷ୍ଟେସନ୍ ସହିତ ସମ୍ମିଳିତ ହେଉଥିଲା। ଆମେରିକାର ମହାକାଶ ଯାତ୍ରୀ ମିର୍ ଷ୍ଟେସନରେ ଅନେକ ଦିନ ରହି ମହାକାଶ ଷ୍ଟେସନ୍ ଚଳାଇବା ପ୍ରକ୍ରିୟା ଶିଖୁ ଥାଆନ୍ତି। ସେଥିଲାଗି ଆମେରିକା ଋଷିଆକୁ ଆର୍ଥିକ ସହାୟତା ଦେଉଥିଲା। କେବଳ ସେତିକି ନୁହଁ, ସେହି ସମୟରେ ଋଷିଆ ପୃଥିବୀର ଅନ୍ୟ କିଛି ଦେଶର ଲୋକଙ୍କୁ ମିର୍‌କୁ ପଠାଇ ଏକ ଆନ୍ତର୍ଜାତିକ ସହ ଏସବୁ ଘଟଣା ୧୯୯୪ରୁ ୧୯୯୮ ମସିହା ମଧ୍ୟରେ ଘଟିଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆମେରିକା ଓ ସୋଭିଏତ୍ ସଂଘ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିଲା। ତାର ପଦଧ୍ୱନି ମହାକାଶରେ ମଧ୍ୟ ଶୁଣାଇ ଦେଇଥିଲା। ଆମେରିକା ଚନ୍ଦ୍ରକୁ ମଣିଷ ପଠାଇ ବିଜ୍ଞାନର ଜୟଗାନ କରିଥିଲା। ସୋଭିଏତ୍ ଋଷିଆ ପ୍ରଥମେ ମହାକାଶ ଷ୍ଟେସନ ନିର୍ମାଣ କରି ବିଶ୍ୱବାସୀଙ୍କୁ ଚମତ୍କୃତ କରିଥିଲା। ଆମେରିକା ଏ ଦିଗରେ ବେଶୀ ପଛୁଆ ରହିଲାନି। ୧୯୭୪ ମସିହା, ମେ ମାସ ୧୪ ତାରିଖ ଦିନ ଆମେରିକା ସଟର୍ନ-୫ ରକେଟ୍ ଦ୍ୱାରା ତାର ମହାକାଶ ଷ୍ଟେସନ୍ ସ୍କାଇଲାବକୁ ମହାକାଶକୁ ପଠାଇଥିଲା ଓ ସଫଳତାର ସହିତ ତାର ପ୍ରଥମ ମହାକାଶ ଷ୍ଟେସନକୁ କାର୍ଯ୍ୟକାରୀ କରିଥିଲା। ସ୍କାଇଲାବ୍ ମହାକାଶ ଷ୍ଟେସନର ଓଜନ ୭୭ ଟନ୍ (୭୭ହଜାର କିଲୋଗ୍ରାମ୍) ଥିଲା। ଯାହାକୁ ମହାକାଶକୁ ପଠା ଯାଇଥିବା ମହାକାଶ ଯାନଙ୍କ ଭିତରେ ଏହା ସର୍ବାଧିକ ଓଜନର ଥିଲା।

ମହାକାଶରେ ସ୍ନାନାଗାର: ସ୍କାଇଲାବ୍ ଷ୍ଟେସନରେ ଆମେରିକା ଅନେକ ନୂତନ ପରୀକ୍ଷଣ କରିଥିଲା। ଗୋଟେ ପରୀକ୍ଷଣ ଥିଲା ଏକ ସ୍ନାନାଗାର। ମାତ୍ର ଏହି ପରୀକ୍ଷଣ ସଫଳ ହୋଇନଥିଲା। ତାର କାରଣର ମହାକା ଓ ମହାକାଶ ଯାନ ଭିତରେ ଥିବା ଶୂନ୍ୟତା (Vacuum)।

ମହାକାଶରେ ପରୀକ୍ଷଣ ବିଷୟ ଲାଗି ସ୍କୁଲ ପିଲାମାନଙ୍କ ଭିତରେ ଏକ ପ୍ରତିଯୋଗିତା ରଖା ଯାଇଥିଲା। ଯେଉଁଥିରେ ପିଲାମାନଙ୍କଠାରୁ ପରୀକ୍ଷଣ ଲାଗି ପରାମର୍ଶର ଆହ୍ୱାନ କରାଯାଇଥିଲା। ଏହି ପ୍ରତି ପରୀକ୍ଷଣ ଲାଗି ପରାମର୍ଶରର ଆହ୍ୱାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅନେକ ଭଲ ପରୀକ୍ଷଣର ପ୍ରସ୍ତାବ ଆସିଥିଲା ଯାହାକୁ ଆମେରିକାର ବୈଜ୍ଞାନିକମାନେ ଗ୍ରହଣ କରିଥିଲେ।

ସ୍କାଇଲାବ୍‌ର କୋକୁଆ ଭୟ: ଗୋଟିଏ ମହାକାଶ ଯାନକୁ ମହାକାଶରେ ବହୁତ ଦିନ, ମାସ ବା ବର୍ଷ ରଖିବାକୁ ହେଲେ ଏହାକୁ ଆବଶ୍ୟକ ଇନ୍ଧନ ଯୋଗାଇ ଦେବାକୁ ପଡ଼େ। ଯେପରି ଆମର ମୋଟର ସାଇକେଲ ବା କାରର ପେଟ୍ରୋଲ ସରିଲେ ଆମେ ପୁଣି ଇନ୍ଧନ ଗାଡ଼ିରେ ଭର୍ତ୍ତି କରୁ, ସେହିପରି ମହାକାଶ ଷ୍ଟେସନକୁ ଚଳେଇ ରଖିବାକୁ ଇନ୍ଧନ ଓ ଆବଶ୍ୟକ ସାମଗ୍ରୀ ଦେବାକୁ ପଡ଼େ। ସେ ସମୟରେ ଆମେରିକାର ମହାକାଶ ସଟଲ୍ ପ୍ରସ୍ତୁତ ହୋଇନଥାଏ। ଏହା ଫଳରେ ସ୍କାଇଲାବ୍ ତାର ଆବଶ୍ୟକ ଇନ୍ଧନ ପାଇପାରିଲା ନାହିଁ।

ପ୍ରାୟ ୨୨୪୯ ଦିନ ମହାକାଶରେ ରହିଲାପରେ ସ୍କାଇଲାବ୍ ପୃଥିବୀ ମୁହାଁ ହେଲା। ଅଧିକାଂଶ ମହାକାଶ ଯାନ ପୃଥିବୀର ବାୟୁ ମଣ୍ଡଳରେ ପ୍ରବେଶ କଲାବେଳେ ସେମାନଙ୍କ ବେଗ ଅତ୍ୟଧିକ ଥାଏ। ସେମାନେ ବାୟୁମଣ୍ଡଳରେ ପ୍ରବେଶ କରିବାମାତ୍ରେ ଜଳି ଉଠନ୍ତି ଓ ଅଳ୍ପ ସମୟରେ ପୋଡ଼ି ପାଉଁଶ ହୋଇଯାଆନ୍ତି। ସେଥିଲାଗି ପୃଥିବୀ ଲୋକଙ୍କ ପାଇଁ ପୃଥିବୀ ଆଡ଼କୁ ଆସୁଥିବା ମହାକାଶଯାନମାନଙ୍କଠାରୁ କିଛି ବିପଦ ନଥାଏ।

ମାତ୍ର ସ୍କାଇଲାବ୍ ଏକ ବିରାଟ ମହାକାଶ ଯାନ ଥିଲା। ଏହା ବାୟୁମଣ୍ଡଳରେ ପୋଡ଼ିଗଲା କି ?

(କ୍ରମଶଃ)

+(ମୋ): ୯୯୮୦୩୦୦୭୫୧

କବିତା

ତୁମ ପାଇଁ

ରାବିଲି ଯେବେ କାଆ

ରନ୍‌କାନ୍ତି ମିଶ୍ର

ଚାଳରେ ବସି ହରଷ ମନେ
ରାବିଲି ଯେବେ କାଆ
ପଥର ଗୋଟେ ମାରିଲା ମୋତେ
ପିଲାଟେ ଅମାନିଆ ।

ଭାବିଲି ସତେ କି'ଦୋଷ ମୋର
କହେ ସକାଳୁ ଉଠ
ମନ ଲଗାଇ ପଢରେ ଏବେ
ହୋଇବ ଭଲ ଚାଟ ।

ସୁନ୍ଦର ନୁହେଁ ରଙ୍ଗ ରୂପ ମୋ
ଦିଶଇ କଦାକାର,
ହେଲେ ମନରେ ଥାଏଟି ସଦା
ପରର ଉପକାର ।

କେଉଁଠି ଖାଏ ଚାଉଳ ମୁଠେ
କେଉଁଠି ପଚା ମାଂସ,
କେଉଁଠି ପୁଣି ମଇଳା ଖାଇ
ଦୁର୍ଗନ୍ଧ କରେ ଶେଷ ।

ଏସବୁ ଖାଇ ପରିବେଶକୁ
ରଖଇ ସୁସ୍ଥ ମୁହିଁ,
କେଉଁ ସ୍ୱାର୍ଥରେ କରେ ଏସବୁ
କୁହ ଭଉଣୀ ଭାଇ !

ଆହୁରି ଶୁଣ କାହାଣୀ ମୋର
ନିଃସ୍ୱାର୍ଥପରତାର,
କୋଇଲି ଅଣ୍ଡା ଯତନ ନିଏ
ପାଳଇ ଛୁଆ ତା'ର ।

ଉଡ଼ି ଶିଖିଲେ ଯେବେ ସେ ଛୁଆ
ମାଆ ପାଶକୁ ଗଲେ,
ଚିହ୍ନିଲେ ନାହିଁ ଆଉ ସେ ମୋତେ
ଯଦିବା ଦେଖା ହେଲେ ।

ରଙ୍ଗରେ ମୁହିଁ କାଳିଆ ସିନା
ମନରେ ନାହିଁ ଦୁଃଖ
ଅନ୍ୟର ସେବା ଧରମ ମୋର
ସେଇ ପରା ମୋ ସୁଖ ।

+ ଆଳି, କେନ୍ଦ୍ରାପଡା

ତୁ'ବି ଦିଶିବୁ ସେମିତି

ଧୀରେନ୍ଦ୍ର ମଲ୍ଲିକ

ପଚାରିଲି ଆଜି ଜେଜେଙ୍କୁ ମୋହର
ହେଲାଣି ତୁମକୁ ବୟସ ଏତେ
ତଥାପି ଲାଗୁଛ ଚାଳିଶି ପରିକା
କଣ ଖାଉଛ କୁହହେ ମତେ ।

ହସି ହସି ଜେଜେ କହିଲେ ରେ ଧିରୁ
ଯାହା ତୁ ଖାଉଛୁ ସେଇଆ ଖାଏ,
ଖାଲି ତୋ'ଭଳି ଅଳସୁଆ ନୁହେଁ,
ସକାଳୁ ଉଠିକି ଚାଲିକି ଯାଏ ।

ଡାକିଲେ ତତେ ମୁଁ ଆ ମୋ ସାଥିରେ
ନଶୁଣିଲା ପରି ଚୁପ ରହୁ,
ଶୀତ ଲାଗୁଅଛି ମୁଣ୍ଡ ବିନ୍ଧୁ ଅଛି
ଆଉ କେତେକଥା ମିଛରେ କହୁ ।

ଶୁଉଣୁ ନାତିଆ କହୁଛି ତତେ ମୁଁ
କେମିତି ହୋଇବୁ ମୋହରି ଭଳି
ବୁଢା ହୋଇଲେ ବି କାହାରି ଉପରେ
ନିର୍ଭର ନକରି ପାରିବୁ ଚଳି ।

ପାହାନ୍ତାରୁ ଉଠି ନିତ୍ୟକର୍ମ ସାରି
ଆଗ୍ରହ ସହିତ କରିବୁ ଯୋଗ,
ହୋଇବ ସୁନ୍ଦର ସ୍ୱାସ୍ଥ୍ୟଟି ତୋହର
ଛୁଇଁ ପାରିବନି କୌଣସି ରୋଗ ।

ବ୍ୟାୟାମ ସାଙ୍ଗକୁ ଚାଲି ଚାଲି ଯିବୁ
ଦୁଇ ତିନି କିଲୋ ମିଟର ବାଟ,
ଥକି ଯିବୁ ନାହିଁ କେଉଁଠାରେ ତୁହି
ଖାଲିଥିବ ପୁରା ତୋହରି ପେଟ ।

ଅଳପ ଖାଇବୁ ମାଛ, ମାଂସ, ଅଣ୍ଡା
ସିଝା ପରିବା ତୁ ଖାଇବୁ ବେଶୀ,
ନିଜ ବାଡ଼ିରେବି କରିଥିବୁ ଚାଷ
ହେଇଥିବ ସେ ଏକଦମ ଦେଶୀ ।

ମାଆଙ୍କୁ ତୋହର ବାରଣ କରିବୁ
ତେଲ, ଲଙ୍କା ଲୁଣ କଅମ ଦେବେ,
ଚଣା, କାକୁ, କିଣି ନଟିଆ ଦୋକାନୁ
ଅଢେଇଶ ଲେଖା ତୋ ପାଇଁ ନେବେ ।

ଠିକ ସମୟରେ ପାଠ ତୁ' ପଢିବୁ
ଦୁଷ୍ଟ ହେବୁ ନାହିଁ ଜମାରୁ ତୁହି,
ଖରାରେ ଅଧିକ ନ'ବୁଲି କେବେବି
ଆରାମରେ ଯିବୁ ଖଟରେ ଶୋଇ ।

ସନ୍ଧ୍ୟା ସମୟରେ ବିଭୁଙ୍କୁ ସୁମରି
ବ୍ୟାୟାମ କରିବୁ ପୁଉଣି ଥରେ,
ପାଠ ପଢା ସାରି ଖାଇକି ଶୋଇବୁ
ମଶାରୀ ଟାଙ୍ଗିକି ଆପଣା ଘରେ ।

ଯଦି ତୁ କରିବୁ ଏମିତି..
ମୋହରି ବୟସ ହୋଇଗଲେ ତତେ
ତୁ'ବି ଦିଶିବୁ ସେମିତି ।

+ନିଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋ-୬୯୦୪୩୯୨୬୮୬

ଅଦିନ ମେଘ

ଅମୂଲ୍ୟ କୁମାର ପଣ୍ଡା

ସୁରୁଜ କାହିଁ ଲୁଚିଛି ଯାଇଁ
କଳା ବୋଉଦ ତଳେ
ଆକାଶ ସାରା ମେଘର ଧାରା
ଭିଜେ ବରଷା ଜଳେ ।

ବିଜୁଳି ରାଣୀ ଚମକ ଠାଣି
ଥରାଇ ଦିଏ ଛାତି
ବାଦଲ ରାଜା ବଜାଏ ବାଜା
ଘଡଘଡି ତା' ସାଥି ।

ଥଣ୍ଡାର ପାଗ ଲାଗୁନି ବାଗ
ଖୋଜେ ଉଷୁମୁ ଶେଜ
ଏମିତି ଦିନ ଅଟଇ ଭିନ୍ନ
ଏକଥା ପିଲେ ହେଜ ।

ଅଦିନ ମେଘ ବଢ଼ାଏ ବେଗ
ଆଣେ ଅନେକ ରୋଗ
ଅଳସ ହୋଇ ଯିବନି ଶୋଇ
କରିବ ବସି ଯୋଗ ।

କରିଲେ ଯୋଗ ହଟିବ ରୋଗ
ଥଣ୍ଡା ହେବନି ଜମା
ହେବଟି ନାହିଁ ଯୋଗଟି ପାଇଁ
ଜ୍ୱର କାଶ ଓ ଦମା ।

ବରଷା ଯିବ ଜଗତ ଥିବ
ହସିବ ଆମ ଧରା
ବରଷା ଛାଡି ଆସିବ ମାଡି
ସୁରୁଜ ଦେବ ପରା ।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

ପିଲାଙ୍କ ଉପନ୍ୟାସ : ଭାଗ-୪

ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ

ଜଳଖିଆ ପର୍ବ ସରିଲା । ମନୀଷର ମା' ତାକୁ ଆକଟ କରି କହିଲେ -ପୁତ୍ର ମଣି ଏଥର ଯାଅ, ପଢାପଢି ଟିକେ କର । ସଂଗ୍ରାମ ବାବୁ କହିଲେ -ଏ କି କଥା ! ମୁ ଦିନକ ପାଇଁ ଆସିଛି, ମୋ ସହ ଗପସପ ନ କରି ସେ ପାଠ ପଢିବ ଏଇଟା ଖୁବ୍ ଅନ୍ୟାୟ । ମାମୁଁ ଭଣଜାଙ୍କ ମଧ୍ୟରେ ତୁ ସେ ପାଠ ପାଚେରି ଠିଆ କରୁଛୁ କାହିଁକି ? ଆଜି ଦିନଟା ପାଇଁ ତାକୁ ଟିକେ ଘୁଂଚେଇ ଦେ ।

ସତ୍ୟବାବୁ ଏ କଥା ଶୁଣି ଠୋ ଠୋ ହୋଇ ହସିଲେ ସୀମା ଦେବୀ କହିଲେ - ଭାଇ ତୁମେ ସେ ସଇତାନ୍‌କୁ ଜାଣିନ । ତୁମ ପାଖରେ ସେ ଅତି ବେଶିରେ ୧୦/୨୦ ମିନିଟ୍ ବସିବ ସୁଧାର ପିଲାଟେ ପରି । ତା'ପରେ ତା ଦେହ ବିନ୍ଧିବ । କୋଉ ଢଙ୍ଗରେ ଖସିଯିବ । ଗପିବ କାହା ସହ ?

-ଆରେ ତୁ ବୋକିଟା ନା କ'ଣ ? ଆମେ କ'ଣ ଖାଲି ଗପିବୁ ; ଏ ଟ୍ୟାବ୍‌ଟା ଆଣିଛି ପରା ତାକୁ ଚଲାଇବା ଶିଖାଇବି । ଆରଥରକୁ ଆସିବାବେଳେ ତା'ପାଇଁ ଗୋଟେ ଆଣିବି । ଏ କଥା ଶୁଣି ମନୀଷ ମନ କୁଣ୍ଢେମୋଟ । ଖୁସିରେ ନାଚିଗଲା ସେ । ଆଗତୁରା ନିଜ ପଢାଘରକୁ ଦୌଡିଲା ।

ସୀମାଦେବୀ କିନ୍ତୁ ମୁହଁ ଶୁଖେଇ ଠିଆହେଲେ । ସଂଗ୍ରାମବାବୁ ତାଙ୍କୁ ବୁଝାଇଲେ - ତୁ ସତରେ ଗୋଟେ ବୋକୀ । ଯେଉଁ ପିଲା ପାଠପଢା କଥା ଶୁଣି ଚିଡେ ତାକୁ ସେଇ କଥା କହି ଚିଡାଇବା କ'ଣ ଠିକ୍ ? ଏହାଦ୍ୱାରା ପାଠଠାରୁ ସେ ବେଶି ଦୂରେଇଯିବ । ଦେଖ ମୁଁ ତାକୁ ବାଲକୋନୀକୁ ଯିବାକୁ କହୁଥିଲି ; ଅଥଚ ସେ ତା'ର ପଢାଘରକୁ ଧାଇଁଗଲା । ପଢିବା କଥା କହିଥିଲେ ସେ କ'ଣ ଖୁସିମନରେ ଯାଇଥାନ୍ତା ? ଟ୍ୟାବ୍‌ରେ ଖାଲି ଖେଳ , ଗୀତନାଚ ମନୋରଂଜନ କାର୍ଯ୍ୟକ୍ରମ ନାହିଁ, ପାଠ ବି ଅଛି । ଏମିତିରେ ମୋ ଟ୍ୟାବ୍‌ରେ ଏସବୁ ଭର୍ସନ ଆଦୌ ନାହିଁ । କେବଳ ଜ୍ଞାନବିଜ୍ଞାନ ପାଠପଢା ସଂପର୍କିତ ତଥ୍ୟ ରହିଛି । ତୁ ବ୍ୟସ୍ତ ନହୋଇ ତୋ କାମ କର । ସଂଗ୍ରାମବାବୁ ପୁଣି ସତ୍ୟବାବୁଙ୍କୁ ଲକ୍ଷ୍ୟ କରି କହିଲେ - ମୁଁ ଜାଣୁଛି ମନୀଷ ପାଇଁ ଆପଣ ବି ବହୁତ ଚିନ୍ତିତ । ତା ଚପଳାମି ବଡକଥା ନୁହେଁ । ସମୟକ୍ରମେ ସେ ବଦଳିଯିବ । ତା'ଛଡା ପିଲାମାନେ ଛୋଟବେଳେ ଦୁଷ୍ଟାମି କରିବେନି ତ ଆଉ କେଉଁ ସମୟରେ କରିବେ । ପିଲାଟିଏ ପାହୁଣ୍ଡ ପକେଇ ଚାଲିବା ଆରମ୍ଭ କଲାବେଳଠୁ କେତେ ଥର ପଡେ ଆଉ ଉଠେ । ଏଇ ପଡିବା ଉଠିବାରୁ ହିଁ ସେ ବହୁତ କଥା ଶିଖେ । ତା ଦୁଷ୍ଟାମି ଯୋଗୁଁ ଯେଉଁସବୁ ସମସ୍ୟା ସୃଷ୍ଟି ହେଉଛି ସେଥିରୁ ମଧ୍ୟ ସେ କିଛି ଶିଖୁଛି । ଦେଖିବ ଦିନେ ଏମିତି ଶିକ୍ଷା ତାକୁ ବଦଳାଇ ଦେବ । ସଂଗ୍ରାମଙ୍କ କଥାଶୁଣି ସତ୍ୟବାବୁଙ୍କ ମନ ଖୁସି ହୋଇଗଲା । ସୀମା ବେଶି ଖୁସି ଜଣା ନ ପଡିଲେ ବି ସନ୍ତୁଷ୍ଟ ହେଲାପରି ଲାଗିଲା ।

ସଂଗ୍ରାମବାବୁ ମନୀଷର ପଢାଘରକୁ ଆସିଲେ ଦେଖିଲେ ତା ପଢାଘର ବହିପତ୍ର ଏଣେତେଣେ ନ ପଡି ସଜଡାସଜଡି ହୋଇଯାଇଛି । ପଢା ଟେବୁଲ୍ ପାଖରେ ଦୁଇଟା ଚେୟାର ପଡିଛି । ଏସବୁ ମନୀଷର କାମ ଜାଣି ଖୁସି ହେଇଗଲେ । ପ୍ରଥମେ ଟ୍ୟାବ୍ ଅନ୍ କରିବା ଓ ଅଫ୍ କରିବା ଶିଖାଇଦେଲେ । ମନୀଷ ଦେଖିଲା ମାମୁଙ୍କ ଟ୍ୟାବଟି ତା' ପଢାବହିର ଅଧା, ଲାଇବ୍ରେରୀ ଗପ ବହି ସାଇଜର । ତାକୁ ଧରି ଚଲାଇବାକୁ ସେ ଖୁସି ପାଇଲା ।

ମୋବାଇଲରେ ବାରମ୍ବାର ଗେମ୍ ଖେଳେ ବୋଲି ତା ବୋଉ ତାକୁ ମୋବାଇଲ୍ ଦିଅନ୍ତିନି । ଜେଜେ ତ ଜିଓର ଟିପାଟିପ ଛୋଟ ମୋବାଇଲ ବ୍ୟବହାର କରନ୍ତି । ଟ୍ୟାବରେ ଗେମ୍ ଖେଳିବାକୁ ତାକୁ ମଜା ଲାଗିଲା । କିଛି ସମୟ ସେ ସେହି ଖେଳଟିକୁ ଖେଳିଚାଲିଲା । ସଂଗ୍ରାମବାବୁ ସବୁ ଲକ୍ଷ୍ୟ କରୁଥିଲେ । ସେ ତ ସେଥିରେ ଗୋଟିଏ ମାତ୍ର ଗେମ୍ ଲୋଡ୍ କରିଥିଲେ । ସେଇ ଏକା ଗେମ୍‌କୁ ସେ କେତେଥର ବା ଖେଳିବ ? ଖେଳରୁ ତା ମନ ଛାଡିଗଲା । ସଂଗ୍ରାମବାବୁ କହିଲେ - ଟ୍ୟାବଟା ମତେ ଦେ । ଏଥିରେ ତତେ ଗୋଟେ ଭଲକଥା ଦେଖାଇବି । ଏକଥା ତୋ ସାଙ୍ଗମାନଙ୍କୁ ଯାଇ କହିବୁ ।

ମନୀଷ ଆଗ୍ରହରେ ମାମୁଙ୍କ ହାତକୁ ଟ୍ୟାବ୍‌ଟା ବଢାଇଦେଲା । ସେ ତାକୁ କେତେକ ଚିତ୍ର ଦେଖାଇଲେ । ଚିତ୍ରଗୁଡିକ ଏହିପରି ଥିଲା - ଗୋଟେ ଗଭୀର ବାମ୍ଫିକୁ ଛୋଟ ପିଲାଟିଏ ଦଉଡିଧରି ଓହ୍ଲାଉଥିଲା । ବାମ୍ଫି ଭିତରର ଚିତ୍ର ସ୍ପଷ୍ଟ ଦିଶୁଥିଲା । ସେତିରେ ଅଳ୍ପ ପାଣି ଥିଲା । ଆଉ ଗୋଟେ ପିଲା ପାଣିକୁ ଏକ ପ୍ଲାଷ୍ଟିକ୍ ଜାରରେ ସଂଗ୍ରହ କରୁଥିଲା ।

ମରୁଭୂମି ପରି ଦିଶୁଥିବା ଚିତ୍ରରେ କିଛି ଲୋକ ଗୋଟିଏ ଗାତ ଚାରିପଟେ ଜମା ହୋଇଥିଲେ । ସେହି ଗାତ ଭିତରୁ ଜଣେ ପାଣି ସଂଗ୍ରହ କରୁଥିଲା ।

କୂଅଠାରୁ ବଡ ଆକାରର ଗୋଟେ ବାମ୍ଫି ଚାରିପଟେ ବହୁତ ଲୋକ ବାଲ୍ଟି , ଜାର୍ , ମାଠିଆ ଧରି ପାଣି ପାଇଁ ଅପେକ୍ଷା କରିଥିଲେ । କିଛିଲୋକ ଧସ୍ତାଧସ୍ତି, ମାରପିଟରେ ମଗ୍ନ ଥିବା ଚିତ୍ର ବି ଥିଲା ।

ନିଜ ବୟସଠୁ ଅଧିକ ଓଜନର ପାଣିଜାରଧରି ଛୋଟ ପିଲାଟିଏ ଗୋଟେ ନିଛାଟିଆ ମରୁଭୂମି ପରି ଦିଶୁଥିବା ରାସ୍ତାରେ ଚାଲୁଥିଲା ।

ପାଣିଟାଙ୍କିରୁ ପାଣିନେବା ପାଇଁ ପିଲାଠୁ ବୁଢାଯାଏ ସମସ୍ତେ ଧାଡିରେ ଠିଆ ହୋଇଥିଲେ ।

ଟ୍ୟୁବେଲ୍‌ରୁ ପାଣି ବାହାରୁନଥିଲା । ବାଲ୍ଟିଟି, ମାଠିଆ ପାଣିଜାର୍ ଥୁଆ ହୋଇଥିଲା । ଲୋକମାନେ ମୁଣ୍ଡରେ ହାତଦେଇ ବସିଥିଲେ ।

ଗୋଟେ ଟ୍ୟାପ୍‌ରୁ ବୁନ୍ଦେବୁନ୍ଦେ ପାଣି ଝରୁଥିଲା । ତା'ତଳେ ଅନେକ ହାତର ଆଂଜୁଳା ସେଇ ବୁନ୍ଦାକ ପାଣିପାଇଁ ।

ଛୋଟ ପିଲାଟିଏ ଆଖି ବନ୍ଦକରି ପଡିରହିଥିଲା । ତା'ର ପାଟି ଖୋଲାଥିଲା । ସେଇ ଖୋଲା ପାଟିରେ ବୁନ୍ଦେବୁନ୍ଦେ ପାଣି ପଡୁଥିଲା ।

(କ୍ରମଶଃ)

+ପୁରୋହିତପୁର,ଜଗତସିଂହପୁର
ମୋ:୯୭୭୮୫୨୦୩୭୦

ଅନୁକୃତି- ବିନୟ କୁମାର ଦାସ

ମୂଳ ହିନ୍ଦୀ- ସୁଧା ଭରଦ୍ୱାଜ "ନିରାକୃତି"

ଅଭିଭାବକଙ୍କ ଦାୟିତ୍ୱ



"ମାମା, ତୁମେ ମୋ ନାମ ନଟୀ ରଖିଦେଇଚ...ତେଣେ ମାମ୍ ମୋତେ କ୍ଲାସରେ ପ୍ରତିଦିନ ତାଗିଦ୍ କରି କହୁଛନ୍ତି, ସତରେ ତୁମେ ନଟୀ..ତୁମ ଦେଇ ପାଠ ହବନି..ତୁମର ତ ସବୁବେଳେ ଖାଲି ଦୁଷ୍ଟାମୀରେ ମନ । ମୁଣ୍ଡ ଉପରେ ପରୀକ୍ଷା..ଅଥଚ ତଥାପି ବି ତୁମେ ଜମା ପାଠ ଉପରେ ଗୁରୁତ୍ୱ ଦଉନ..।"ସାତ ବର୍ଷର ଝିଅ ନଟୀ ର ଅଭିଯୋଗ ଶୁଣି ସେ କହିଲେ, " ମାମ୍ ତ କିଛି ଭୁଲ କହିନାହାନ୍ତି.. ମୁଁ ବି ତ ଲକ୍ଷ୍ୟ କରୁଚି, ପାଠ ଅପେକ୍ଷା ତୁ ଦୁଷ୍ଟାମିରେ ବେଶୀ ଧ୍ୟାନ ଦେଉଛୁ ।"

" ତୁମେ ବି ମାମା...ମାମ୍‌ଙ୍କୁ ସପୋର୍ଟ କରୁଛ ? ମୋତେ ସେ ମ୍ୟାଥ୍ ଆଉ ସାଇନସ୍ ଜମା ଭଲ ଲାଗୁନି । ଏ ଦୁଇଟା ବିଷୟ ପଢିବା ପାଇଁ ଜମା ମନ ହଉନି । ଯେତେ ପଢିଲେ ବି ନା ବୁଝି ପାରୁଛି ନା କିଛି ମନେ ରହୁଛି । ମୋତେ ତୁମେ କୋଉଠି ଟ୍ୟୁସନ୍ ଦେଇଦିଅ ।"

"ଏ ତୁ କଣ କହୁଛୁ ନଟୀ ? ତୋର ଏଇ ତୃତୀୟ ଶ୍ରେଣୀରୁ ଟ୍ୟୁସନ ? ଆରେ ତୁ ବୁଝିପାରୁନୁ ନଟୀ..ଏହା ଏକ ଲଜ୍ଜାକର କଥା । ଖବରଦାର କହିଦେଉଛି..ସେ ଟ୍ୟୁସନ କଥା ଆଉ ଥରେ ମୋତେ କହିବୁନି । ମନ ଦେଇ ପଢିବାକୁ ଚେଷ୍ଟା କର, ଦେଖିବୁ ସବୁ ଠିକ୍ ହୋଇଯିବ ।"

ମାମାଙ୍କର ତାଗିଦ୍‌ରେ ଝାଉଁଳି ପଡିଲା ନଟୀ । ତା କଥା କେହି ବୁଝିବାକୁ ନାରାଜ । ଚୁପଚାପ୍ ସେ ପଳାଇ ଆସିଲା ତା ପଢାକୋଠରୀକୁ । ମନକୁ ମନ କହିଲା, " ଏମାନେ କେହି ମୋ ସମସ୍ୟା ବୁଝି ପାରିବେନି । ମୁଁ ସତ କହିଲେ ବି ସେମାନେ ବିଶ୍ୱାସ କରୁନାହାନ୍ତି । ସେ ଦୁଇଟି ଯାକ ସବ୍‌ଜେକ୍ଟ ମୋତେ କଷ୍ଟ ଲାଗୁଚି.. ମୋତେ ତ ଜଣା ଗଲାଣି ଏ ପରୀକ୍ଷାରେ ମୁଁ ଫେଲ୍ ହୋଇଯିବି ।" କିଛି ସମୟ ସେମିତି ଗୁମ୍ ସୁମ୍ ହୋଇ ବସି ରହିଲା ନଟୀ । ହଠାତ୍ ତା ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ତାର ମନେ ପଡିଗଲା ସେଦିନ ପାପା ଆଉ ରାକେଶ୍ ଅଙ୍କଲ କଥା ହେଉଥିଲେ କିଛି ଦିଆନିଆ କରିକି ନଟୀକୁ ଯେମିତି ହେଲେ ପାସ୍ କରାଇ ଦେବା । ଆଜିକାଲି ତ ଏମିତି ଚାଲିଛି । ନଟୀ ମନରେ ସାହସ ଆସିଗଲା । ସେ ଅଙ୍ଗୁଳିରେ ଚୁଟକି ମାରି କହିଲା, "ଆଇଡିଆ...।"

ତହିଁ ପରଦିନର କଥା ।

ସ୍କୁଲ ଯିବା ପୂର୍ବରୁ ନଟୀ କହି

ବିଦ୍ୟୁତ୍ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ମୃତ୍ୟୁବରଣ କଲେ ୫୦ଲକ୍ଷ ଟଙ୍କା ଏବଂ ପରିବାରରୁ ଜଣଙ୍କୁ ନିଯୁକ୍ତି ଦାବି

ଭୁବନେଶ୍ୱର,୨୧/୫ (ନି.ପ୍ର): ସାମ୍ପ୍ରତିକ ବିଶ୍ୱବ୍ୟାପୀ କରୋନା ମହାମାରୀ ପରିପ୍ରେକ୍ଷୀରେ ଆମ ରାଜ୍ୟରେ ହଜାର ହଜାର ଜନତା କରୋନା ମହାମାରୀରେ ଶିକାର ହେବା ସହ ମୃତ୍ୟୁବରଣ କରୁଛନ୍ତି। କରୋନାଗ୍ରସ୍ତ ଚିକିତ୍ସିତ ବ୍ୟକ୍ତିମାନଙ୍କୁ ସହଯୋଗ ଓ ଚିକିତ୍ସିତ କରିବା ସହ ଏଥି ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ କରୋନା ଯୋଦ୍ଧା ଯଥା– ଚିକିତ୍ସକ, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନୱାଡି ଓ ପୋଲିସମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ସେମାନଙ୍କ ପାଇଁ ୫୦ ଲକ୍ଷ ଟଙ୍କା ମୃତ୍ୟୁକାଳୀନ କରୋନା ସହାୟତା ଘୋଷଣା କରିବା ସହ ପ୍ରଦାନ କରିଆସୁଅଛନ୍ତି। ବର୍ତ୍ତମାନ କରୋନାର ଦ୍ୱିତୀୟ ଲହରି ପରିପ୍ରେକ୍ଷୀରେ ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ମୃତ୍ୟୁକାଳୀନ ସହାୟତା ରାଶି ୧୫ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିବା ସହ ନିର୍ଦ୍ଦେଶନାମା ପ୍ରଦାନ କରିଛନ୍ତି। ଏଥିପାଇଁ ଆମେ ଆପଣଙ୍କୁ ଧନ୍ୟବାଦ ଜଣାଉଅଛୁ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ବିଭିନ୍ନ କମ୍ପାନୀ ଓ ବିଦ୍ୟୁତ୍ ଉତ୍ପାଦନ, ସରବରାହ, ରକ୍ଷଣାବେକ୍ଷଣ, ଘରୋଇ ଏବଂ ବ୍ୟବସାୟ ପ୍ରତିଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, କୋଭିଡ୍ ହସ୍ପିଟାଲ ସହ ବିଭିନ୍ନ ସରକାରୀ, ବେସରକାରୀ ହସ୍ପିଟାଲ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଉତ୍ପାଦନ କରୁଥିବା ଶିଳ୍ପାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥାକୁ ଦିବାରାତ୍ର ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିବା ବିଦ୍ୟୁତ୍ କର୍ମଚାରୀ ଉଭୟ ଠିକା ଓ ସ୍ଥାୟୀ ଶ୍ରମିକଙ୍କୁ କୌଣସି ସାମାଜିକ ନିରାପତ୍ତା ପ୍ରଦାନ କରାଯାଉ ନାହିଁ। ବିଦ୍ୟୁତ୍ ବିଭାଗ ଏକ ଅତ୍ୟାବଶ୍ୟକୀୟ ସେବା ସଂସ୍ଥା। ଉକ୍ତ ସଂସ୍ଥା ଯଦି ଅଚଳ ହୁଏ ତାହାହେଲେ ସମସ୍ତ ବ୍ୟବସ୍ଥା ଅଚଳ ହୋଇପଡ଼ିବ। କରୋନା ମହାମାରୀ ସମୟରେ ନିରବଚ୍ଛିନ୍ନ ସେବା କରି ପ୍ରାୟ ୫୮୮ଜଣ ବିଦ୍ୟୁତ୍ କର୍ମଚାରୀ କରୋନା ଆକ୍ରାନ୍ତ ହେବା ସହ ୧୫ଜଣ ମୃତ୍ୟୁବରଣ କରିଛନ୍ତି। ତେଣୁ ବାସ୍ତବତାକୁ ବିଚାର କରି ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ସମସ୍ତ ସ୍ଥାୟୀ, ଚୁକ୍ତିଭିତ୍ତିକ ଏବଂ ବିଭିନ୍ନ ଆଉଟ୍‌ସୋର୍ସିଂ କମ୍ପାନୀ ଦ୍ୱାରା ନିଯୁକ୍ତିପ୍ରାପ୍ତ ଶ୍ରମିକଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା ସହ ସେମାନଙ୍କୁ ୫୦ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ସହ ସେମାନଙ୍କ ପରିବାର ମଧ୍ୟରୁ ଜଣଙ୍କୁ ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ ସହ ରାଜ୍ୟ ସରକାର ଅନ୍ୟ ସରକାରୀ ଅଫିସ୍‌ରେ ୨୫ ଭାଗ ଲୋକଙ୍କୁ ନେଇ କାର୍ଯ୍ୟ କରିବା ସହ ସାପ୍ତାହିକ ଶନିବାର ଛୁଟି ଘୋଷଣା କରିବା ନିମନ୍ତେ ଏଆଇଟିୟୁସି ଓଡ଼ିଶା ରାଜ୍ୟ କମିଟି ତରଫରୁ ଉପସାଧାରଣ ସମ୍ପାଦକ ବିଜୟ ଜେନା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଚିଠି ମାଧ୍ୟମରେ ଦାବି କରିଛନ୍ତି।

ସମ୍ଭାବ୍ୟ ବାତ୍ୟା ଲାଗି ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୧/୫ (ନି.ପ୍ର): ଓଡ଼ିଶା ଉପକୂଳରେ ସମ୍ଭାବ୍ୟ ବାତ୍ୟା ଓ ତତ୍‌ଜନିତ ଭୀଷଣ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ରବିଧାନ ଏବଂ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟରେ ସବୁ ପ୍ରକାର ସତର୍କତା ଅବଲମ୍ବନ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସଂପ୍ରତି ରାଜ୍ୟରେ ସୋସାଇଟି ପକ୍ଷରୁ ବିଭିନ୍ନ ମଣ୍ଡିରେ ରବିଧାନ ଏବଂ ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ ମଣ୍ଡିଗୁଡ଼ିକୁ ଚାଷୀମାନେ ଆଣୁଥିବା ଧାନ ଏବଂ ତୈଳବୀଜ ଆଦିକୁ ସଂପୂର୍ଣ୍ଣ ଭାବେ ସୁରକ୍ଷିତ ରଖିବା ପାଇଁ ସମସ୍ତ ବନ୍ଦୋବସ୍ତ କରିବା ପାଇଁ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ କୋଭିଡ୍-୧୯ର ଦ୍ୱିତୀୟ ଲହର ସ୍ଥିତିରେ ଖାଉଟିମାନଙ୍କୁ ସୁବିଧାରେ ପିଡ଼ିଏସ୍ ସାମଗ୍ରୀ ବଂଟନର ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଉଭୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ସହିତ ତୃଣମୂଳ ସ୍ତରର କ୍ଷେତ୍ର ଅଧିକାରୀମାନଙ୍କୁ ବ୍ୟାପକ ସଚେତନ କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିସ୍ତୃତ ମାର୍ଗଦର୍ଶିକା ଜାରି କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁଯାୟୀ ଆଣ୍ଡାମାନ ସାଗର ଏବଂ ପୂର୍ବ- କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଆସନ୍ତା ୨୨ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ଘନିଭୂତ ହେବା ପରେ ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଛି। ଏହା ମଇ ୨୬ ତାରିଖରେ ଓଡ଼ିଶା ଉପକୂଳରେ ପହଂଚିବାର ସମ୍ଭାବନା ରହିଛି ।

ଶକ୍ତି କ୍ଷେତ୍ରକୁ ଅଧିକ ପାରଦର୍ଶୀ କରିବା ପାଇଁ ପରାମର୍ଶ ଆହ୍ୱାନ କଲେ ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୨୧/୫ (ନି.ପ୍ର): ରାଜ୍ୟରେ ଶକ୍ତି କ୍ଷେତ୍ରକୁ ଆହୁରି ଅଧିକ ପାରଦର୍ଶୀ, ସୁସଂହତ ଏବଂ ଦକ୍ଷ ଭାବେ ବିକଶିତ କରିବାକୁ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ବିଭିନ୍ନ ମହଲରୁ ପରାମର୍ଶ ଲୋଡ଼ିଛନ୍ତି । ଓଡ଼ିଶା ବର୍ତମାନ ବିକାଶ ଓ ଅଭିବୃଦ୍ଧିର ଜ୍ୱଳନ୍ତ ଉଦାହରଣ ବୋଲି ଦର୍ଶାଇ ଚିରସ୍ଥାୟୀ ଓ ସମାବେଶୀୟ ବିକାଶ ସାଧନ, ଆଂଚଳିକ ଅସମତା ଓ ଦାରିଦ୍ର୍ୟ ହ୍ରାସ, ପ୍ରଭାବୀ ପ୍ରଶାସନ, ଭିତିଭୂମିରେ ବିକାଶ, ପୁଂଜିନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ରାଜ୍ୟର ଆଭିମୁଖ୍ୟ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଗୁରୁବାର ଦିନ 'ଓଡ଼ିଶା ଶକ୍ତି କ୍ଷେତ୍ର-ରାଜ୍ୟଠାରୁ ଶିକ୍ଷା' ଶୀର୍ଷକ ୱେବିନାର୍ ମାଧ୍ୟମରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ମନ୍ତ୍ରୀ ଏହା କହିଛନ୍ତି ।

କୋଭିଡ୍-୧୯ କଟକଣା ପାଇଁ ଶକ୍ତି ଉପଯୋଗ ହ୍ରାସ ପାଇଛି । କିନ୍ତୁ ଆଗାମୀ ଦିନରେ ଓଡ଼ିଶା ଅଗ୍ରଣୀ ବିଦ୍ୟୁତ ଉପଯୋଗକାରୀ ରାଜ୍ୟ ଭାବେ ଉଭା ହେବା ନିଶ୍ଚିତ ବୋଲି ଉଲ୍ଲେଖ କରି ଲୋକଙ୍କ ଅର୍ଥନୈତିକ ପରିବର୍ତନରେ ଶକ୍ତି ଉପଯୋଗର ପ୍ରମୁଖ ଭୂମିକା ରହିଛି । ସେ କହିଛନ୍ତି ଯେ ଏହା ଲୋକଙ୍କ ଜୀବନଧାରଣର ମାନକୁ ଉନ୍ନତ ଓ ସହଜ କରିବାରେ ସାହାଯ୍ୟ କରିବ । ସରକାର ଶସ୍ତା ଓ ଭରସାଯୋଗ୍ୟ ବିଦ୍ୟୁତ ଉପଲବ୍ଧ କରାଇବା ପାଇଁ ସତତ ଚେଷ୍ଟିତ। ଓଡ଼ିଶା ବିକାଶ କୈନ୍ଦ୍ରିକ, ଶିଳ୍ପ ଅନୁକୂଳ ଓ ପରିବେଶ ସଚେତନ ରାଜ୍ୟ ହୋଇଥିବାରୁ ଅକ୍ଷୟ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଦେଇଆସିଛି । ସେ ଆଲୋଚନାରେ ଅଂଶଗ୍ରହଣ କରିଥିବା ବୁଦ୍ଧିଜୀବୀମାନଙ୍କୁ ସବୁଜ ଓ ସ୍ୱଚ୍ଛ ଶକ୍ତି ଉତ୍ପାଦନ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ । ଶକ୍ତି କ୍ଷେତ୍ରରେ ସରକାର ଅନେକ ଗୁଡ଼ିଏ ସୁଧାର ଆଣିଥିବା ଉଲ୍ଲେଖ କରି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ସରକାରୀ-ଘରୋଇ ସହଭାଗିତାରେ କାର୍ଯ୍ୟ କରୁଥିବା କେତେକ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ ବୋଲି କହିଥିଲେ । ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ଭାବେ 'ଓଡ଼ିଶା ଶକ୍ତି ସଂରକ୍ଷଣ ବିଲ୍ଡିଂ କୋଡ୍' ବିଜ୍ଞାପିତ କରିଛି । ୨୦୧୯-୨୦ରେ ସର୍ବମୋଟ ଶକ୍ତି ଉତ୍ପାଦନ କ୍ଷମତା ୭୬୪୮ ମେଗାୱାଟ୍ ଥିଲା। ଓଡ଼ିଶା ରାଜ୍ୟର ଚାହିଦାଠାରୁ ଅଧିକ ଶକ୍ତି ଉତ୍ପାଦନ କରୁଛି । ରାଜ୍ୟର ଉଭୟ ଶିଳ୍ପ ଓ ଘରୋଇ ବିଦ୍ୟୁତ ଉପଯୋଗ ପରିମାଣ ୭୨ ପ୍ରତିଶତ । ତା'ମଧ୍ୟରୁ କେବଳ ଘରୋଇ କ୍ଷେତ୍ରରେ ୩୭.୪୧% (୭୩୨୭ ଏମ୍‌ୟୁ) ଉପଯୋଗ ହେଉଥିବା ସେ ଦର୍ଶାଇଥିଲେ । ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବା ନିମନ୍ତେ ଓଡ଼ିଶା ଅକ୍ଷୟ ଶକ୍ତି ଆଇନ-୨୦୧୬ ପ୍ରଣୟନ କରିଛି । ବିଶେଷ ଭାବେ ୨୦୨୨ ବେଳକୁ ରାଜ୍ୟ ୨୨୦୦ ମେଗାୱାଟ୍ ସୌରଶକ୍ତି, ୨୦୦ ମେଗାୱାଟ୍ ପବନ ଶକ୍ତି, ୧୮୦ ମେଗାୱାଟ ବାୟୋଗ୍ୟାସ, ୧୫୦ ମେଗାୱାଟ କ୍ଷୁଦ୍ର ଜଳବିଦ୍ୟୁତ ଏବଂ ୨୦ ମେଗାୱାଟ ବର୍ଜ୍ୟରୁ ଶକ୍ତି ଉତ୍ପାଦନ କରିବାର ଲକ୍ଷ୍ୟ ରଖିଥିବା କଥା ପ୍ରକାଶ କରିବା ସହିତ ରାଜ୍ୟରେ ଶକ୍ତି ଅପଚୟ ରୋକିବା ସହିତ ସଂରକ୍ଷଣ ଦିଗରେ ଗୁରୁତ୍ୱ ଦେଇ ସରକାର ଅନେକ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ସବୁସ୍ତରରୁ ସମର୍ଥନ ଓ ସହଯୋଗ କାମନା କରିବା ସହ ସରକାର ସ୍ମାର୍ଟ ଗ୍ରୀଡ୍ ଟେକ୍‌ନୋଲୋଜିର ବ୍ୟବହାର କରିବା ପାଇଁ ପଦକ୍ଷେପ ନେଉଥିବା ସେ ଉଲ୍ଲେଖ କରିଥିଲେ ।

ଏହି ୱେବିନାରରେ ଅନ୍ୟମାନଙ୍କ ମଧ୍ୟରେ ଆସୋଚାମ୍ ଓଡ଼ିଶା ଚାପ୍‌ଟରର ଅଧ୍ୟକ୍ଷ ତଥା ଭିସା ଷ୍ଟିଲର ଉପସଭାପତି ଓ ପରିଚାଳନା ନିର୍ଦ୍ଦେଶକ ବିଶାଳ ଅଗ୍ରୱାଲ, ଉପାଧ୍ୟକ୍ଷ ସବ୍ୟସାଚୀ ସରକାର, ସଂଗଠନର ଶକ୍ତି ଉପପରିବେଶ ଉପାଧ୍ୟକ୍ଷ ପାର୍ଥ ଚାଟାର୍ଜୀ, ସିଇଓ ପାୱାର ଏକ୍ସଚେଞ୍ଜ ଇଣ୍ଡିଆ, ପ୍ରଭାଜିତ କୁମାର ସରକାର ପ୍ରମୁଖ ଯୋଗଦେଇଥିଲେ ।

ଔଷଧ ବ୍ୟବସାୟୀଙ୍କୁ କରୋନା ଯୋଦ୍ଧା ଘୋଷଣା ନକଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ

ଭୁବନେଶ୍ୱର,୨୧/୫ (ନି.ପ୍ର): ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଓଡ଼ିଶାର ୨୫ ହଜାର ସଭ୍ୟଙ୍କୁ ନେଇ ଗଠିତ। ଓଡ଼ିଶାର କୋଣ ଅନୁକୋଣରେ ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେବାରେ ଆମର ସଭ୍ୟମାନଙ୍କର ପ୍ରତ୍ୟକ୍ଷ ଅବଦାନକୁ ଅଗ୍ରାହ୍ୟ କରାଯାଇ ନପାରେ। ତଥାପି ଆଗଧାଡ଼ିର କରୋନା ଯୋଦ୍ଧାର ସମ୍ମାନରୁ ସେମାନେ ବଞ୍ଚିତ। କରେନା ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଔଷଧ ବ୍ୟବସାୟୀ ଦିନରାତି ସେବା ଯୋଗାଇ ଆସିଛି। ଏପରିକି ସମସ୍ତ ପ୍ରକାର ଲକ୍‌ଡାଉନ, ସଟଡାଉନ ବେଳେ ଆମର ସଭ୍ୟମାନେ ଅନବରତ ସେବା ଯୋଗାଇ ଆସିଛନ୍ତି। କୌଣସି ଔଷଧର ଅଭାବ ଯେପରି ବଜାରରେ ଅଭାବ ନରହେ, ସେଥିପ୍ରତି ପ୍ରତ୍ୟେକ ମୁହୂର୍ତ୍ତରେ ଆମର ସଂଘ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଚେଷ୍ଟିତ ଅଛି। କରୋନା ଆରମ୍ଭରେ କୋରିୟର, ଟ୍ରାନ୍ସପୋର୍ଟ ବନ୍ଦ ଥିଲେ ମଧ୍ୟ କମ୍ପାନୀମାନଙ୍କ ସହ ଯୋଗାଯୋଗ ରକ୍ଷା କରି ଯେପରି ଆବଶ୍ୟକୀୟ ଔଷଧ ବଜାରରେ ଅଭାବ ନରହେ ସେଥିପ୍ରତି ସଜାଗ ରହି ପର୍ଯ୍ୟାପ୍ତ ପରିମାଣର ଔଷଧ ଗଚ୍ଛିତ ରଖିବା ପାଇଁ ଚେଷ୍ଟିତ ରହିଥିଲେ। ସାନିଟାଇଜର ଓ ମାସ୍କ କିପରି ସୁଲଭ ମୂଲ୍ୟରେ ଜନସାଧାରଣଙ୍କୁ ମିଳିପାରିବ ସେଥିପାଇଁ ବ୍ରତୀ ଥିଲେ। ସରକାର ମଧ୍ୟ ଔଷଧ ବ୍ୟବସାୟକୁ ଅତି ଜରୁରୀ ଓ ଅତ୍ୟାବଶ୍ୟକ ସାମଗ୍ରୀରେ ଅନ୍ତର୍ଭୁକ୍ତ କରିଛନ୍ତି। ହେଲେ କହିବା ବାହୁଲ୍ୟ ଯେ, ଔଷଧକୁ ଅତ୍ୟାବଶ୍ୟକ ଓ ଅତି ଜରୁରୀ ଅନ୍ତର୍ଭୁକ୍ତ କରିଥିବା ବେଳେ ଔଷଧ ବ୍ୟବସାୟୀଙ୍କୁ ଏବଂ ତାଙ୍କ କର୍ମଚାରୀଙ୍କୁ ସରକାର ଅଣଦେଖା କରି ଆସିଛନ୍ତି। ଅନେକ ଦାବି ପରେ ମଧ୍ୟ କରୋନ ଯୋଦ୍ଧାର ମାନ୍ୟତା ଦେବାକୁ ସରକାର କୁଣ୍ଠିତ। ସେବା ଯୋଗାଇବାକୁ ଅତ୍ୟନ୍ତ ଜରୁରୀ ଭାବି ସଭ୍ୟ କାର୍ଯ୍ୟରେ ଲିପ୍ତ ଥିବା ସମୟରେ ସିଧାସଳଖ କରୋନା ରୋଗୀ ବା ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ଆମର ଶତାଧିକ ସଭ୍ୟ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଛନ୍ତି। ତଥାପି ସରକାର ନୀରବଦ୍ରଷ୍ଟା ସାଜି ଆମ ଦାବିକୁ ଭ୍ରୁକ୍ଷେପ କରିନାହାଁନ୍ତି। ଏପରିକି ଅଗ୍ରାଧିକାର ଭାବରେ ଆମ ସଭ୍ୟ, କର୍ମଚାରୀ କିମ୍ବା ତାଙ୍କ ପରିବାରବର୍ଗଙ୍କୁ ଟୀକାକରଣର ବ୍ୟବସ୍ଥା କରିବା ପାଇଁ ସରକାର ନାରାଜ। ଯେଉଁଠି ସରକାରଙ୍କର ନାରା ସମସ୍ତ ଜୀବନ ଆମ ପାଇଁ ମୂଲ୍ୟବାନ, ସେଠି ଏହିପରି ଆଗଧାଡ଼ିର ଔଷଧ ବ୍ୟବସାୟ ସହିତ ଜଡ଼ିତ ଲୋକମାନଙ୍କ ଜୀବନ କଣ ସରକାରଙ୍କର ଅଲୋଡ଼ା। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ପାଖରେ ବାରମ୍ବାର ଦାବୀ ରଖାଯାଇଛି। ହେଲେ ଆମ ଦାବିର ସେମିତି କିଛି ମୂଲ୍ୟ ନାହିଁ। ସରକାରଙ୍କ ଏହିସବୁ ମନୋଭାବକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି ଏବଂ ସଂଘ ସରକାରଙ୍କୁ ଚେତାଇ ଦେବାକୁ ଚାହୁଁଛି ଯଦି ସରକାର ଆମ ଦାବିବୁ ଗ୍ରହଣ ନକରନ୍ତି, ଦେବେ ଆଗାମୀ ଭବିଷ୍ୟତରେ ଏହାର ପରିଣାମ ଅତ୍ୟନ୍ତ ଭୟାବହ ହେବ। ଓଡ଼ିଶାର ସମସ୍ତ ୨୫୦୦୦ ସଭ୍ୟ ରାଜରାସ୍ତାକୁ ଓହ୍ଲାଇବା ସହିତ ସେବାରୁ ନିବୃତ୍ତ ରହିବ। ଆବଶ୍ୟକସ୍ଥଳେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବାକୁ ମଧ୍ୟ ପଛଘୁଞ୍ଚା ଦେବ ନାହିଁ। କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ ବୋଲି ସଭାପତି ପି. ସତ୍ୟନାରାୟଣ କହିଛନ୍ତି।

ମୋ ବୁଥ- କରୋନା ମୁକ୍ତ ଅଭିଯାନର ମଙ୍ଗ ଧରିବାକୁ ଯୁବବର୍ଗଙ୍କୁ ଅନୁରୋଧ କଲେ ଯୁବମୋର୍ଚ୍ଚା ସଭାପତି

ଭୁବନେଶ୍ୱର,୨୧/୫ (ନି.ପ୍ର): କରୋନା ମହାମାରୀ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଟ୍ରେସିଂ,ଟେଷ୍ଟିଂ ଓ ଟ୍ରିଟମେଂଟ୍‌କୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଗତକାଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାବାସୀଙ୍କୁ ଟେଷ୍ଟିଂ ଅଭିଯାନରେ ସାମିଲ ହୋଇ ଏହାକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ଇରାସିସ ଆଚାର୍ଯ୍ୟ ଓଡ଼ିଶାର ଯୁବବର୍ଗଙ୍କୁ ଏହି ଅଭିଯାନର ମଙ୍ଗ ଧରି ପ୍ରମୁଖ ଭୂମିକା ଗ୍ରହଣ କରିବା ସହ 'ମୋ ବୁଥ - କରୋନା ମୁକ୍ତ' କରିବାକୁ ଆହ୍ୱାନ ଦେଇଛନ୍ତି। କରୋନା ମହାମାରୀର ଦ୍ୱିତୀୟ ଲହରରେ ଓଡ଼ିଶାର ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡ଼ିଛନ୍ତି। ସଂକ୍ରମଣର ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଟ୍ରେସିଂ,ଟେଷ୍ଟିଂ ଓ ଟ୍ରିଟମେଂଟର ସର୍ବାଧିକ ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡ଼ିଶା ସରକାର ଏଥିରେ ପଛୁଆ ଅଛନ୍ତି । ଏହି ଘଡ଼ିସନ୍ଧି ସମୟରେ ଶ୍ରୀ ଆଚାର୍ଯ୍ୟ ଗତକାଲି ଯୁବମୋର୍ଚ୍ଚାର ସଦସ୍ୟମାନଙ୍କୁ 'ଡୋର୍ ଟୁ ଡୋର' ସର୍ଭେ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟରେ ନିମ୍ନ ଧରଣର ଭିତିଭୂମି କାରଣରୁ ସ୍ୱାସ୍ଥ୍ୟସେବାଠାରୁ କୋଷ ଦୂରରେ ଥିବା ସାଧାରଣ ଜନତାଙ୍କ ନିକଟକୁ ଯାଇ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ସାବଧାନ ଓ ସତର୍କତାର ସହ ଇନଫ୍ରାରେଡ୍ ଥର୍ମୋମିଟର ଏବଂ ଅକ୍ସିଜେନମିଟର ନେଇ ଶରୀରର ତାପମାତ୍ରା ଓ ଅମ୍ଳଜାନ ସ୍ତର ମାପିଥିଲେ । ଓଡ଼ିଶାର ୩୬ଟି ସାଂଗଠନିକ ଜିଲ୍ଲାରୁ ୨୬ଟି ସାଂଗଠନିକ ଜିଲ୍ଲାରେ ଗତକାଲି ଏହି ଡୋର୍ ଟୁ ଡୋର ସର୍ଭେ ଆରମ୍ଭ ହୋଇ ଯାଇଥିଲା ବେଳେ ଆଜି ମଧ୍ୟ ଅନେକ ସାଂଗଠନିକ ଜିଲ୍ଲାରେ ଏହି ପ୍ରକ୍ରିୟାର ଆରମ୍ଭ ହୋଇଛି। ଭଦ୍ରକ, ବାଲେଶ୍ୱର, ମୟୂରଭଂଜ, ରାଇରଙ୍ଗପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ଘୁମୁସର, ପାନପୋଷ, ବଣାଇ, ସମ୍ବଲପୁର, ପୁରୀ, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, କେଉଁଝର, କଳାହାଣ୍ଡି, ଯାଜପୁର, ଗଂଜାମ, ଗଜପତି, ଢ଼େଙ୍କାନାଳ, ଦେଓଗଡ଼, କଟକ ନଗର, ବଲାଙ୍ଗୀର, ଭୁବନେଶ୍ୱର, ଅନୁଗୁଳ ପ୍ରଭୃତି ସାଂଗଠନିକ ଜିଲ୍ଲାମାନଙ୍କରେ ଏହି ପ୍ରଚେଷ୍ଟା ସାଧରଣ ଜନତାଙ୍କ ଦ୍ୱାରା ଆଦୃତ ହୋଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଆଗାମୀ ଦିନରେ ଏହାକୁ ବୁଥସ୍ତରରେ ପହଂଚାଇବାକୁ ଯୋଜନା ନିର୍ଦ୍ଧାରିତ ହୋଇଛି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୯ ଗିରଫ

ନୀଳଗିରି ଏସ.ଡି.ଏମ.ଓ. ଙ୍କୁ କରୋନା

ନୀଳଗିରି,୨୧/୦୫ (ନି.ପ୍ର): ନୀଳଗିରି ଉପଖଣ୍ଡ ଡାକ୍ତରଖାନାର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଅଜୟ କୃଷ୍ଣ ସାମଲ କରୋନାରେ ଆକ୍ରାନ୍ତ ହୋଇଥିବାର ଜଣାପଡ଼ିଛି । ଡା. ସାମଲ ଦୈନନ୍ଦିନ କାର୍ଯ୍ୟରେ ଯୋଗଦେଇ ଚିକିତ୍ସା ସେବା ଯୋଗାଇ ଆସୁଥିବା ବେଳେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ । ପରେ ସ୍ୱାବ ଆର୍ଟିଫିସିଆଲ ଟେଷ୍ଟ କରିବା ପରେ ତାଙ୍କର ପଜିଟିଭ ବାହାରି ଥିଲା । ଏବେ ସେ ହୋମ ଆୟୁସୋଲେସନରେ ରହି ଚିକିତ୍ସିତ ହେଉଥିବାର ଜଣାପଡ଼ିଛି । ହାସପାତାଳରେ କାର୍ଯ୍ୟରତ ସମସ୍ତ ଡାକ୍ତର, ନର୍ସ, କର୍ମଚାରୀମାନଙ୍କ ସହିତ ନୀଳଗିରି ବାସୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ବାଲେଶ୍ୱରରେ ରାଜୀବ ଗାନ୍ଧିଙ୍କ ତିରୋଧାନ ଦିବସ ପାଳିତ

ବାଲେଶ୍ୱର,୨୧/୦୫ (ନି.ପ୍ର): ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧିଙ୍କ ୩୦ତମ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତି କ୍ରମେ ଏହି ତିରୋଧାନ ଦିବସକୁ କୋଭିଡ ରୋଗୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ଉଦ୍ୟମରେ ତଥା ଜିଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଜିଲାରେ ୫୦ ହଜାରରୁ ଉର୍ଦ୍ଧ୍ୱ ମାସ୍କ ବଣ୍ଟନ କରାଯାଇଛି । ଏଥି ସହିତ କୋଭିଡ ଆକ୍ରାନ୍ତଙ୍କ ପାଇଁ ଅକ୍ସିଜେନ ମାସ୍କ, ଏନ-୯୫ ମାସ୍କ, ସର୍ଜିକାଲ ମାସ୍କ, ସାନିଟାଇଜର ଓ ସାନିଟାରି ନାପକିନ ପ୍ରଭୃତି ଜିଲାପାଳଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ସାମ୍ପ୍ରତିକ ସ୍ଥିତିରେ ସମଗ୍ର ବିଶ୍ୱ ମହାମାରୀ କରୋନା ସହ ମୁକାବିଲା କରି ଚାଲିଥିବା ବେଳେ ବାଲେଶ୍ୱରର ସ୍ଥିତି ସଙ୍ଗିନ ଆଡ଼କୁ ଯାଉଛି । ଏଭଳି ସ୍ଥିତିରେ କୋଭିଡ ମୁକାବିଲାରେ ସହଯୋଗର ହାତ ବଢ଼ାଇବାକୁ ଜିଲା କଂଗ୍ରେସ ନିଷ୍ପତ୍ତି ନେଇଛି ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

ଭଦ୍ରକ ଜିଲ୍ଲାରୁ ଆଉ ୧୭୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୨୧/୦୫ (ନି.ପ୍ର): ଜିଲ୍ଲାରୁ ଆଉ ୧୭୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏ ପର୍ଯ୍ୟନ୍ତ ମୋଟ ୩ଲକ୍ଷ ୮୨ହଜାର ୫୯୬ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ୧୩ହଜାର ୭୪୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୦ହଜାର ୫୮୯ଜଣ ସୁସ୍ଥ ହୋଇଛନ୍ତି । ଏବେ ୩୧୨୭ ଆକ୍ରାନ୍ତ ସକ୍ରିୟ ରହିଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ଭଦ୍ରକ ବ୍ଲକର ବେନ୍ତାଳ, ଇଛାପୁର, ଦୈସିଂ, ଏରେଇଁ, ସାମରଇପୁର, ଗୋରାମାଟି, ଗୁଜିଦରଡ଼ା, କାଉପୁର, ମଉଦା, ଓଲଙ୍ଗ, ରାନ୍ଦିଆ, ଆର.ଏନ.ବେତରା, ଆଙ୍ଗୋ ଗ୍ରାମର ମୋଟ ୩୭ଜଣ, ଭଦ୍ରକ ପୌରପାଳିକାର କୁଆଁସ, ପୁରୁଣାବଜାର, ବାଇପାସ୍, ମଧୁସୂଦନନଗର ଓ ଜାନୁଗଞ୍ଜରୁ ମୋଟ ୯ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ବାସୁଦେବପୁର ପୌରପାଳିକାର ବାଲିଆବିନ୍ଧା ଗ୍ରାମରୁ ୨ଜଣ, ବନ୍ତ ବ୍ଲକର କୁଶଗଡ଼ିଆ, କୁମ୍ଭକରାଳ, ବରହମପୁର, ପଳସା, କନ୍ତିଆ, ଗୋବିନ୍ଦପୁର, ପାହାଡ଼ପୁର, ଓଡଙ୍ଗ, ଅଳଓତି, ରାମକୃଷ୍ଣପୁର, ଟିଲୋ ଗ୍ରାମରୁ ୨୩ଜଣ, ତିହିଡ଼ି ବ୍ଲକର ଉଗାଳପୁର, ବାମନବିନ୍ଧା,ବାରୋ, ଭାଟପଡ଼ା, ବିଲଣା, ଓରାଳି, ଗାଜିପୁର, ଫତେପୁର, ଗୁଆମାଳ, ମଧୁପୁର, ଖେରଙ୍ଗ, ମୃଷାଙ୍ଗ, ଜୟପୁର, ମଙ୍ଗଳପୁର, ଆରସା, ପାଳିଆବିନ୍ଧା, ଜାଫ୍‌ରାବାଦ୍, ସୟା, ଉପରଦୁମୁକା ଓ ଜି.ବି.ପୁରରୁ ମୋଟ ୨୯ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଭଣ୍ଡାରିପୋଖରୀ ବ୍ଲକର ବନସାହି, ଝୁଟଣା, କୁରିଗାଁ, ତୋଟାସାହି, ବାହାଦଳପୁର, ସରସଦା, ବିରୁଳି, ବଡବନଷ୍ଠା, ରାଜେନ୍ଦ୍ରପୁର, ନାରାୟଣପୁର, ଉତ୍ତରଗଡ଼ିଆ, କୁଲଣା ଗ୍ରାମରୁ ମୋଟ ୧୩ଜଣ, ଧାମନଗର ବ୍ଲକର ବମକୁରା, ଦଇପୁର, ଧୂଷୁରୀ, ହସନାବାଦ ଗ୍ରାମରୁ ୬ଜଣ, ଚାନ୍ଦବାଲି ବ୍ଲକର ନଗୁଆଁ, ବେଗୁନିଆ, ଘଟପୁର, ମତୋ, ମହୁଲିଆ, ମଉସୁଧା, ପାନଗୁଡ଼ା ଗ୍ରାମରୁ ୧୧ଜଣ ଚିହ୍ନଟ ହୋଇଛନ୍ତି । ବାସୁଦେବପୁର ବ୍ଲକର ନଣନ୍ଦପୁର, ଗୋପାଳପୁର, ବିଦେଇପୁର, ଚୁଡାମଣି, ଇରମ, ଗୋବିନ୍ଦପୁର, ସୁଗୋ, ବିରିପଦା ଗ୍ରାମରୁ ୧୦ଜଣ, ଧାମନଗର ଏନ୍‌ଏସିର ୩ ନଂ ୱାର୍ଡରୁ ଜଣେ ଚିହ୍ନଟ ହୋଇଛନ୍ତି । ବାହାର ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ଖଇରା ଓ ସିମୁଳିଆ ବ୍ଲକ, କେନ୍ଦୁଝର ଜିଲ୍ଲାର ହାଟଡ଼ିହି ବ୍ଲକ ଅଞ୍ଚଳରୁ ୮ଜଣ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୨୮ଜଣ ଜିଲ୍ଲା ବାହାରେ ବିଭିନ୍ନ ହସ୍‌ପିଟାଲରେ ଚିକିତ୍ସା ସମୟରେ ଚିହ୍ନଟ ହୋଇଛନ୍ତି ।

ଟେଷ୍ଟିଂ ବଢୁଥିବାରୁ ସଂକ୍ରମଣ ବଢୁଛି

ଭୁବନେଶ୍ୱର,୨୧/୦୫ (ନି.ପ୍ର): ରାଜ୍ୟରେ ଟେଷ୍ଟିଂ ବଢୁଥିବାରୁ ସଂକ୍ରମଣ ସଂଖ୍ୟା ବଢୁଛି । ନମୁନା ପରୀକ୍ଷା ଅନୁଯାୟୀ ସଂକ୍ରମିତଙ୍କ ସଂଖ୍ୟା ଅଧିକ ନାହିଁ । ୮୦ ପ୍ରତିଶତ ଆଇସିୟୁ ଓ ୫୦ ପ୍ରତିଶତ ଭେଂଟିଲେଟରରେ ଗୁରୁତର ରୋଗୀ ଅଛନ୍ତି । ତେଣୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ଏବେ ବଢ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପ୍ରକାଶ କରିଛନ୍ତି । ଏହା ସହ ସେ କହିଛନ୍ତି, ମେ' ମାସ ଶେଷ ବେଳକୁ ରାଜ୍ୟରେ ସଂକ୍ରମଣ କମିପାରେ । ପ୍ରଥମ ଲହରରେ ୧୮ବର୍ଷ ତଳକୁ ୧୦ ପ୍ରତିଶତ ମୃତ୍ୟୁ ରହିଥିଲା । ବର୍ତମାନ ବି ଯୁବବର୍ଗ ଅଧିକ ସଂକ୍ରମିତ ହେଉଛନ୍ତି । ଯେହେତୁ ଭ୍ୟାକ୍ସିନ ନ ଥିଲା ତେଣୁ ବର୍ତମାନ ମୃତ୍ୟୁ ସଂଖ୍ୟା ବଢୁଛି । ଯେତେ ଶୀଘ୍ର ଭ୍ୟାକ୍ସିନେସନ ସାରିବା ସେହି ଅନୁପାତରେ ମୃତ୍ୟୁ ସଂଖ୍ୟା କମିବ । ରାଜ୍ୟରେ ଧୀରେ ଧୀରେ ଆଇସିୟୁ ସଂଖ୍ୟା ବଢ଼ାଯାଉଛି । କିମ୍ବା ହସ୍ପିଟାଲରେ ଆଇସିୟୁ ବଢ଼ାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।

'ମୋନା' ବାଲେଶ୍ୱର ବୈଠକରେ ମଦର ହୋମ ଡେଲିଭରିକୁ ବିରୋଧ

ବାଲେଶ୍ୱର,୨୧/୦୫ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ' (ମୋନା) ବାଲେଶ୍ୱରର ମାସିକିଆ ବୈଠକ ଭରଚୁଆଲ୍ ମୋଡ଼୍‌ରେ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର ଅତ୍ୟାବଶ୍ୟକ ସାମଗ୍ରୀ ଭଳି ଅନ୍‌ଲାଇନ୍‌ରେ ମଦବିକ୍ରିର ହୋମ୍ ଡେଲିଭରି ଘରୋଁଇ ହିଂସା ଓ ଅପରାଧ ବୃଦ୍ଧି କରିବ ବୋଲି ମତବ୍ୟକ୍ତ କରିଥିଲେ । ଦ୍ୱିତୀୟ ଲହରରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଥିବା ବେଳେ ହୋମ୍ ଡେଲିଭରି ଓ ମଦବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଉଚିତ ବୋଲି ଭରଚୁଆଲ୍ ମୋଡ଼୍‌ରେ ଉପସ୍ଥିତ ସର୍ବଶ୍ରୀ ଡ. କେଶବ ଚରଣ ପଣ୍ଡା. ଡ. କ୍ଷିତିଶ୍ୱର ଦାଶ, ବେଣୁଧର ସାହୁ, ପ୍ରଫୁଲ୍ଲ କୁମାର ଦାସ, ସୁଦର୍ଶନ ମହାପାତ୍ର, ଗୀତାଞ୍ଜଳି ସିଂହ, କମଳାକାନ୍ତ ଦାସ, ଅକ୍ଷୟ ତ୍ରିପାଠୀ, ଗୌରାଙ୍ଗ ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ରାଜେନ୍ଦ୍ର କୁମାର ନାଥ, ସନ୍ନ୍ୟାସୀ ବେହେରା, କମଳଲୋଚନ ବାରିକ, କୁମୁଦ ରଞ୍ଜନ ଗିରି, ଶୁଭଙ୍କର ମହାପାତ୍ର, ବିକ୍ରମ ମାଝି, ବସନ୍ତ ପ୍ରଧାନ, ସ୍ୱୟଂ ସ୍ୱରୂପ ଗୋସ୍ୱାମୀ, କଲ୍ୟାଣୀ ନନ୍ଦ ପ୍ରମୁଖ ଏହାର ବିରୋଧ କରିଥିଲେ । ଏଣୁ ସରକାର ମଦର ହୋମ ଡେଲିଭରି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ 'ମୋନା' ବାଲେଶ୍ୱର ପକ୍ଷରୁ ଦାବି କରାଯାଇଛି । ଶେଷରେ ଜ୍ୟୋସ୍ନା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କୁ କରୋନା : ହାସପାତାଳରେ ଭର୍ତ୍ତି

ନୀଳଗିରି,୨୧/୦୫ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କୁକରୋନା ସଂକ୍ରମଣ ହୋଇଥିବାର ଜଣାପଡ଼ିଛି । ଦୈନନ୍ଦିନ ଜୀବନରେ ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେଇ ଆସୁଥିବା ବେଳେ ସେ ଦୁଇ ଦିନ ପୂର୍ବରୁ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କର ସ୍ୱାବ ପରୀକ୍ଷା ପରେ କରୋନା ହୋଇଥିବାର ଜଣାପଡ଼ିଛି । ସେ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ସମ୍ ହାସପାତାଳରେ ଭର୍ତ୍ତି ହୋଇଛନ୍ତି । କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏବଂତାଙ୍କର ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ,ପୂର୍ବତନ ସାଂସଦ ତଥା ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ଇଂ. ରବିନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ , ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ, ବ୍ଲକ ବିଜେଡି ସଭାପତି ବିଜୟ ଲେଙ୍କା, ଚେୟାରମେନ୍ ଜାନକୀ ସିଂ, ଜିଲ୍ଲା ଯୁବ ସଭାପତି ତାପସ ପରିଡ଼ା, ଜିଲ୍ଲାପରିଷଦ ସଭ୍ୟ ଶୁଭେନ୍ଦୁ ଜେନା, ଏନ.ଏ.ସି. ସଭାପତି ରବିନ୍ଦ୍ର ପରିଡ଼ା ସମେତ ବିଭିନ୍ନ ଦଳର ପ୍ରମୁଖ ନେତା, ଶୁଭେଚ୍ଛୁ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

୨୫ ମାମଲାରେ ଅଭିଯୁକ୍ତ ଯୁବକ ଆକାଶ ମୁଖୀ ଗିରଫ : ଲ୍ୟାପଟପ, ୬ ମୋବାଇଲ ଓ ଏକ ହଜାର ଟଙ୍କା ଜବତ

ବାରିପଦା,୨୧/୦୫ : ୨୫ ମାମଲାରେ ସମ୍ପୃକ୍ତ ରହିଥିବା ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୨୪ କାଳିକାପୁର ଅଂଚଳର ଭୁକୁଲୁ ମୁଖୀଙ୍କ ପୁଅ ଆକାଶ ମୁଖୀ(୨୨)ଙ୍କୁ ବାରିପଦା ଟାଉନ ଥାନା ପୁଲିସ ଗିରଫ କରି କର୍ଟ ଚାଲାଣ କରିଛି । ଏଥି ସହିତ ଅଭିଯୁକ୍ତ ଆକାଶଙ୍କ ନିକଟରୁ ପୁଲିସ ଗୋଟାଏ ଲ୍ୟାପଟପ, ୬ ମୋବାଇଲ ଓ ଏକ ହଜାର ଟଙ୍କା ଜବତ କରିଥିବାର ଜଣାପଡ଼ିଛି । ସୂଚନା ଯୋଗ୍ୟଯେ, ଆକାଶ ମୁଖୀଙ୍କ ନାମରେ ବାରିପଦା ଟାଉନ ଥାନାରେ ପ୍ରଥମ ଥର ୨୦୧୪ ଫେବୃଆରୀ ୭ରେ ଆଇପିସି ଧାରା ୧୪୭, ୧୪୮, ୩୨୩, ୫୦୬, ୧୪୯ ଅନୁସାରେ କେଶ ନମ୍ବର ୩୧/୨୦୧୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଆକାଶଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହାପରେ ସେ ଆଉ ପଛକୁ ଫେରି ଅନେଇ ନାହାନ୍ତି । ଆଜି ପର୍ଯ୍ୟନ୍ତ ବାରିପଦା ଟାଉନ ଥାନାରେ ମୋଟ ୨୫ଟି ମାମଲା ରୁଜୁ କରାଯାଇଛି । ପ୍ରତ୍ୟେକ ଥର ପୁଲିସ ଅଭିଯୁକ୍ତ ଆକାଶକୁ ଗିରଫ କରି କୋର୍ଟ ଚାଲାଣ କରିଆସୁଥିବା ସମୟରେ ପ୍ରତ୍ୟେକ ଥର ସେ ଜାମିନରେ ବାହାରକୁ ବାହାରି ଆସି ଅରାଧ କରିଚାଲିଛନ୍ତି । ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତିଙ୍କ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ଅଭିଯୁକ୍ତ ଆକାଶଙ୍କ ନାମରେ ବାରିପଦା ଟାଉନ ଥାନାରେ ୨୦୧୪ରେ ୨ଟି, ୨୦୧୫ରେ ୧, ୨୦୧୬ରେ ୧, ୨୦୧୭ରେ ୪, ୨୦୧୮ରେ ୩, ୨୦୧୯ରେ ୩, ୨୦୨୦ରେ ସର୍ବାଧିକ ୮ ଏବଂ ୨୦୨୧ ମେ ୨୦ ସୁଦ୍ଧା ୩ଟି ମାମଲା ରୁଜୁ ହୋଇଛି ।

ସମ୍ଭାବ୍ୟ ସାମୁଦ୍ରିକ ଘୂର୍ଣ୍ଣିଝଡ ବାତ୍ୟା ମୁକାବିଲା ନେଇ ପ୍ରଶାସନିକ ସ୍ତରୀୟ ପ୍ରସ୍ତୁତି ବୈଠକ

ବାରିପଦା,୨୧/୦୫ (ନି.ପ୍ର): ଭାରତୀୟ ପାଣିପାଗ ବିଭାଗ ପ୍ରାକ ସୂଚିତ ସତର୍କ ସୂଚନାନୁଯାଇ ଅଣ୍ଡାମାନ ସମୁଦ୍ର ଓ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଘୂର୍ଣ୍ଣିଝଡ ବାତ୍ୟା ପ୍ରଭାବ ନେଇ ଓଡିଶାର କେତେକ ଜିଲ୍ଲାରେ ସମ୍ଭାବ୍ୟ ଝଡ଼ବାତ୍ୟା ସହ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ପ୍ରଶାସନକୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ସଜାଗ ରହି ପରିସ୍ଥିତିର ମୁକାବିଲା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ଏଥିପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲାପାଳ ମୟୂରଭଞ୍ଜ ଶ୍ରୀ ବିନୀତ ଭରଦ୍ୱାଜ, ଭାପ୍ରସେ ଅଧକ୍ଷତାରେ ୨୦.୦୫.୨୦୨୧ ରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ଭିଡିଓ କନ୍ଫରେନ୍ସିଂଙ୍ଗ ସମ୍ମିଳନୀ କକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟକୁ ସମ୍ପ୍ରସାରିତ ଭିଡିଓ କନ୍ଫରେନ୍ସିଂଙ୍ଗ ଜରିଆରେ ଜିଲ୍ଲାର ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଜରୁରୀକାଳୀନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ୍, ଭା.ପ୍ର.ସେ ଉପସ୍ଥିତ ପଦାଧିକାରୀଙ୍କୁ ସ୍ୱାଗତ ଜଣାଇ ବର୍ତ୍ତମାନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହେଉଥିବା ସାମୁଦ୍ରିକ ଘୂର୍ଣ୍ଣିଝଡ ପ୍ରଭାବରେ ପ୍ରାକ ସତର୍କତା ଅବଲମ୍ବନ ପୂର୍ବକ ପରିସ୍ଥିତିର ମୁକାବିଲ ପାଇଁ ଭାରତୀୟ ପାଣିପାଗ ବିଭାଗ ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲାରେ ଏହାର ପ୍ରଭାବ ପଡିବାର ସମ୍ଭାବନ ରହିଛି । ଏହାକୁ ଦୃଷ୍ଟିରେ ରଖି ବିଶେଷ କରି ବାରିପଦା ଓ ଉଦଳା ଉପଖଣ୍ଡର ସମସ୍ତ ୧୪ଟି ବ୍ଲକ ଅଞ୍ଚଳ ସମେତ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ଅଞ୍ଚଳରେ ଥିବା ନଦୀ କୂଳବର୍ତ୍ତୀ ତଳିଆ ଏବଂ ଚାଳଛପର କଳାଘର ବସ୍ତି, କଚା ଘର ଅଞ୍ଚଳରେ ଜରୁରୀ କାଳୀନ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ସଂପୃକ୍ତ ତହସିଲଦାର/ବିଡ଼ିଓ ଏବଂ ବିଦ୍ୟୁତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇ ଆବଶ୍ୟକ ସ୍ଥଳେ ଜରୁରୀ କାଳିନ ଭିତ୍ତିରେ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରାକ ପ୍ରସ୍ତୁତି ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଏବଂ ଜିଲ୍ଲାରେ ଥିବା ଦଶଟି ବାତ୍ୟା ଆଶ୍ରୟସ୍ଥଳ ଏବଂ ନିକଟସ୍ଥ ସରକାରୀ ବିଦ୍ୟାଳୟ ଗୃହ, ଅଙ୍ଗନୱାଡି କେନ୍ଦ୍ର ଗୃହ ଗୁଡିକ ପ୍ରସ୍ତୁତି ରଖିବା, ଅତ୍ୟାବଶ୍ୟକୀୟ ସାମଗ୍ରୀ, ଚୂଡା, ଚିନି, ଗୁଡ ଓ ରନ୍ଧା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଜେନେଟ୍ର ଆଲୋକ ବ୍ୟବସ୍ଥା, ପରିମଳ ଆଦି ଆନୁସଙ୍ଗିକ ବ୍ୟବସ୍ଥା ଏବଂ ଓଡ୍ରାଫଟ୍, ଅଗ୍ନିଶ୍ରମ ବିଭାଗ ତତ୍ତ୍ୱାବଧାନରେ ପାଓ୍ୱାର କଟର, ଜେସିବି ମେସିନ ଏବଂ ଯାନବାହାନ ଆଦି ସମସ୍ତ ଅନୁସାଙ୍ଗିକ ସରଞ୍ଜାମ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଯଥାଶୀଘ୍ର ପ୍ରସ୍ତୁତି କରି ରଖିବା ପାଇଁ ଯାଥାକ୍ରମେ ସମସ୍ତ ତହସିଲଦାର, ବିଡିଓ, ଜିଲ୍ଲାଶିକ୍ଷାଧିକାରୀ, ଜିଲ୍ଲାଯୋଗାଣ ଅଧିକାରୀ, ଅଗ୍ନିଶମ ଅଧିକାରୀ ସମେତ ସଂପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ନିର୍ଦ୍ଦେଶ ଦେଇଛନ୍ତି । ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ପ୍ରକାଶ ଚନ୍ଦ୍ର ବେହେରା, ପିଡିଡିଆରଡିଏ, ଭବେଶ କୁମାର ନାୟକ, ବାରିପଦା ଉପଜିଲ୍ଲାପାଳ ତଥା ବାରିପଦା ପୌର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ରୂପଭାନୁ ମିଶ୍ର, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ସମସ୍ତ ଉପଜିଲ୍ଲାପାଳ, ପ୍ରମୁଖଙ୍କ ସମେତ, ଜିଲ୍ଲାର ସମସ୍ତ ତହସିଲଦାର / ବିଡିଓ, ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗ ପଦାଧିକାରୀ ଉପସ୍ଥିତ ରହି ଆଲୋଚନରେ ଅଂଶଗ୍ରହଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ସମ୍ଭାବ୍ୟ ବାତ୍ୟାକୁ ନେଇ....

ଶକ୍ତି ବିଭାଗକୁ କହିଥିଲେ । ବାତ୍ୟା ପରବର୍ତ୍ତୀ ସମୟରେ ପୁନଃନିର୍ମାଣ ଓ ମରାମତି କାର୍ଯ୍ୟ ତ୍ୱରିତ ଭାବେ କରିବା ପାଇଁ ଯଥେଷ୍ଟ ମାନବ ସମ୍ବଳ, ଯନ୍ତ୍ରପାତି ଓ ସାମଗ୍ରୀ ଆଦିର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାତ୍ୟା ପରେ ପରେ ଯୋଗାଯୋଗ ସୁବ୍ୟବସ୍ଥିତ ପାଇଁ ରାସ୍ତାରେ ପଡିଥିବା ଗଛଗୁଡିକୁ କାଟି ସଫା କରିବା ବହୁତ ଜରୁରୀ ଅଟେ । ଏଥିପାଇଁ ବନ ବିଭାଗ, ଅଗ୍ନିଶମ ବିଭାଗ, ଓଡ୍ରାଫ ଏବଂ ଏନଡିଆରଏଫ ଆଦିଙ୍କୁ ସେମାନଙ୍କ କର୍ମଚାରୀ ଓ ଯନ୍ତ୍ରପାତି

ବାଲେଶ୍ୱର, ଶନିବାର, ୨୨ ମଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

କୋଭିଡ୍ ସଚେତନତା ପାଇଁ ଲୋକାର୍ପିତ ହେଲା ସଚେତନତା ରଥ

ଭୁବନେଶ୍ୱର,୨୧/୦୫(ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ମିଳିତ ସହଯୋଗରେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରୀର ଭୟାବହତା ଉପରେ ତୃଣମୂଳ ସ୍ତରରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସଚେତନତା ରଥର ଲୋକାର୍ପଣ କରାଯାଇଛି । ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜସ୍ୱ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ରଞ୍ଜନ କୁମାର ଦାସ, ପ୍ରୋଜେକଫ ହୋପ୍‌ର ପ୍ରକଳ୍ପ ସଂଯୋଜକ ଶ୍ରୀ ଆଲୋକ କୁମାର ମହାନ୍ତି, ମାଇଁ ହାର୍ଟର ଉପଦେଷ୍ଟା ଡ. ପ୍ରବୋଧ କୁମାର ମିଶ୍ର, ମାଇଁ ହାର୍ଟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଶକ୍ତିଧର ସାହୁ, ନେହେରୁ ଯୁବ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ନବୀନ ନାୟକ ଏବଂ ୟୁନିସେଫ୍‌ର ରାଜ୍ୟ ସଂସ୍କୃତି ସଂଯୋଜକ ଶ୍ରୀ ବାସୁଦେବ ମାଳବିଶୋଇଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଛି । ଏହି ଅଭିଯାନ ନିମନ୍ତେ ଆଠଗୋଟି ଯାନକୁ ସୁସଜ୍ଜିତ କରି ଯାନରେ ଭିଡ଼ିଓ ଓ ଦୃଶ୍ୟଶ୍ରାବ୍ୟର ବ୍ୟବସ୍ଥା ଥାଇ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ନିୟୋଜିତ କରାଯାଇଛି । ଏହି ରଥଗୁଡ଼ିକ ଖୋର୍ଦ୍ଧା, ପୁରୀ, କଟକ ଏବଂ ଜଗତସିଂହପୁର ଏହି ଚାରୋଟି ଜିଲ୍ଲାରେ ଆଗାମୀ ତିନି ମାସ ଧରି ସଚେତନତା କାର୍ଯ୍ୟ କରିବ । ପ୍ରତ୍ୟେକ ଜିଲ୍ଲାକୁ ଦୁଇଟି ଲେଖାଏଁ ରଥ ପ୍ରେରଣ କରିବାର ବ୍ୟବସ୍ଥା କରାଯାଇଛି । ଉତ୍ସର୍ଗୀକୃତ ତିନିଟି ସଚେତନତାଧର୍ମୀ ସଂଗୀତରୁ 'ଭାଙ୍ଗିବା ଲକ୍‌ଡାଉନ୍, ଭାଙ୍ଗିବା ସଟ୍‌ଡାଉନ୍' ଏବଂ 'କେଉଁ ବେଳାରେ ଆସିଲା ଏହି କରୋନା ଭୂତାଣୁ'କୁ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଞ୍ଜନ କୁମାର ଦାସ ଓ ତୃତୀୟ ଗୀତ 'ଆସରେ ଆସ କରିବା ପଣ'କୁ ଶ୍ରୀ ବାସୁଦେବ ମାଳବିଶୋଇ ରଚନା କରିଛନ୍ତି । ଶ୍ରୀ ପବିତ୍ର ପଟ୍ଟନାୟକଙ୍କ ସଂଗୀତ ନିର୍ଦ୍ଦେଶନାରେ କଣ୍ଠଦାନ କରିଛନ୍ତି ସତ୍ୟଜିତ ଓ ରଶ୍ମି ।

ଅବ୍ୟବସ୍ଥିତ କୋଭିଡ ପରିଚାଳନାକୁ ନେଇ ଅସନ୍ତୋଷ

ସଙ୍ଗଠନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ସ୍ମାରକପତ୍ର

ବାଲେଶ୍ୱର,୨୧/୦୫ (ନି.ପ୍ର): ଦ୍ୱିତୀୟ ଲହରରେ କୋଭିଡ ପରିଚାଳନାରେ ଅବ୍ୟବସ୍ଥିତ କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବାଲେଶ୍ୱରର ଏକାଧିକ ଗଣ ସଙ୍ଗଠନ। କୋଭିଡ ପରିଚାଳନାକୁ ଶୃଙ୍ଖଳିତ କରିବା ଓ ଜନସାଧାରଣଙ୍କୁ ଉଚିତ ସେବା ପ୍ରଦାନ ଦାବିରେ ସଂଗଠନଙ୍କ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମିଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କ ସେମାନଙ୍କ ଆପତ୍ତି ଅନୁସାରେ ସମ୍ପ୍ରତି ଜିଲାର କରୋନା ସଂକ୍ରମଣ ହାର ଓ ସଂକ୍ରମିତଙ୍କ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ପକ୍ଷରୁ ଜିଲାବାସୀଙ୍କୁ ଉଚିତ ସେବା ମିଳିପାରୁ ନାହିଁ। ଲୋକଙ୍କ ସ୍ୱାବ ପରୀକ୍ଷା ଓ ସଂକ୍ରମିତଙ୍କ ଚିକିତ୍ସାଠାରୁ ଆରମ୍ଭ କରି ଟିକାକରଣ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିବା ସଂଗଠନଙ୍କ ମିଳିତ ମଞ୍ଚ ପକ୍ଷରୁ ଆରୋପ ହୋଇଛି। କୌଣସି ଗୋଟିଏ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନଥିବା ବେଳେ ତାଲାବନ୍ଦର ପ୍ରଭାବରେ ଜନସାଧାରଣଙ୍କ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ବଜାରରେ ଔଷଧଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶ ଛୁଆଁ ହେବାରେ ଲାଗିଛି। ଏଭଳି ସଂକଟମୟ ସ୍ଥିତିରୁ ବର୍ତ୍ତିବା ପାଇଁ ରାଜ୍ୟସ୍ତରରେ ସର୍ବଦଳୀୟ କମିଟି ଗଠନ ସାଙ୍ଗକୁ ଜିଲାରେ କୋଭିଡ ମୁକାବିଲାରେ ପ୍ରଶାସନ ସହ ସାମାଜିକ କର୍ମୀ ଓ ରାଜନୈତିକ ପ୍ରତିନଧିଙ୍କୁ ସାମିଲ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। ତେବେ କରୋନା ସଂକ୍ରମିତଙ୍କ ଚିକିତ୍ସା ଘରୋଇ ହସପିଟାଲରେ ମାଗଣାରେ କରାଇବା ଓ ଗ୍ରାମାଞ୍ଚଳରେ ବାତ୍ୟାଶ୍ରୟସ୍ଥଳ, କଲ୍ୟାଣମଣ୍ଡପ, ସରକାରୀ ଓ ବେସରକାରୀ କୋଠାରେ ଅକ୍ସିଜେନ ବ୍ୟବସ୍ଥା ସହ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପନ କରିବା, ଟିକାକରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା, ଗାଁ ଗହଳିରେ କରୋନା ପରୀକ୍ଷା ସାଙ୍ଗକୁ ଟିକାଦାନ ବ୍ୟବସ୍ଥା କରିବା, ଜିଲାର କୋଭିଡ ହସପିଟାଲମାନଙ୍କରେ ଆଇସିୟୁ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଆୟକର ଦେଉ ନଥିବା ପ୍ରତ୍ୟେକ କରୋନା ପ୍ରଭାବିତ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା; ଶ୍ରମଜୀବୀ, କୃଷକ, ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗଙ୍କୁ ଲକଡାଉନ ସମୟରେ ବିଦ୍ୟୁତ ଓ ଜଳକର ଛାଡ଼ କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷି ଆଇନ ବାତିଲ କରିବା ଓ ଜିଲାସ୍ତରରେ କୋଭିଡ ପରିଚାଳନା ସମ୍ପର୍କିତ ସମସ୍ତ ତଥ୍ୟ ସାର୍ବଜନୀନ କରିବା ପାଇଁ ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

କୋଭିଡ୍ ମୁକାବିଲା ପାଇଁ ସୃଜନଶୀଳ ଏକ ବଳିଷ୍ଠ ମାଧ୍ୟମ

ଭୁବନେଶ୍ୱର,୨୦/୦୫(ନି.ପ୍ର): କରୋନା ମହାମାରୀ ସମୟରେ ସମ୍ପ୍ରତି ସମାଜରେ ସୃଷ୍ଟି ହୋଇଥିବା ଦୁଃସ୍ଥିତିକୁ ସୃଜନାତ୍ମକ ମାଧ୍ୟମରେ ମୁକାବିଲା କରିପାରିଲେ ମାନସିକ ଅବସାଦରୁ ରକ୍ଷା କରିହେବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ "ସୃଜନାତ୍ମକ ମାଧ୍ୟମରେ କରୋନା ମହାମାରୀ ମୁକାବିଲା"ଶୀର୍ଷକ ୱେବିନାର ଆଜି ଆୟୋଜିତ ହୋଇଯାଇଛି। ଶ୍ରୀମତୀ ସୁମତି ମୁଣ୍ଡ୍ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ସହାୟକ ପ୍ରାଧ୍ୟାପକ ଡ଼. ତନୟା ମହାନ୍ତି ଯୋଗ ଦେଇ ମହାମାରୀ ସମୟରେ ଆମ ସମାଜ କିଭଳି ସ୍ଥିତି ଦେଇ ଗତି କରୁଛି ଏବଂ ଏଥିପାଇଁ ଆମକୁ ମାନସିକ ସ୍ତରରେ କିଭଳି ପ୍ରସ୍ତୁତ ରଖିବାକୁ ହେବ ସେ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। କରୋନା ସମୟରେ ପାରିବାରିକ ଓ ସାମାଜିକ ଜୀବନକୁ ଅଧିକ କ୍ରିୟାଶୀଳ କରିବାକୁ ହେଲେ ପ୍ରତ୍ୟାକଙ୍କୁ ସୃଜନଶୀଳ ହେବାକୁ ହେବ ବୋଲି ମତ ପ୍ରକାଶ କରିଛନ୍ତି । ଭୁବନେଶ୍ୱର ସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ତଥା ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହା ନିର୍ଦ୍ଦେଶକ ଶ୍ରୀ ରାଜେନ୍ଦ୍ର ଚୌଧୁରୀ ଯୋଗଦେଇ କରୋନା ଭଳି ଦୁସ୍ଥିତିର ମୁକାବିଲା ପାଇଁ ସୃଜନଶୀଳତା ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ବକ୍ତା ଭାବେ କେରଳ ଏବଂ ଲକ୍ଷ୍ୟଦ୍ୱୀପ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହା ନିର୍ଦ୍ଦେଶକ ଭି. ପଲ୍ଲନିଚମୀ ରଚନାତ୍ମକ କାର୍ଯ୍ୟ ମାଧ୍ୟମରେ ଆମେ ବର୍ତ୍ତମାନ ସ୍ଥିତିରେ ବ୍ୟବହାରରେ ପରିବର୍ତ୍ତନ ଆଣିପାରିବା ବୋଲି ଗୁରୁତ୍ୱ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଲ କୁମାର ମିଶ୍ର ସାହିତ୍ୟ, ସଂଗୀତ, ଚିତ୍ରକଳା ମାଧ୍ୟମରେ ଆମେ ନିଜର ସୃଜନଶୀଳତା ପ୍ରକାଶ କଲେ ନିଜେ ଶାନ୍ତ ରହି ଅନ୍ୟକୁ ଶାନ୍ତି ପ୍ରଦାନ କରି ପାରିବା ବୋଲି ଗୁରୁତ୍ୱାରୋପ କରିଛନ୍ତି । ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ସିନେ ନିର୍ମାତା, ସଂଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ, ଶ୍ରୀ ଅଜୟ ମହାନ୍ତି ଏବଂ କବି ଶ୍ରୀ ପ୍ରମୋଦ ପ୍ରଧାନ ପ୍ରମୁଖ ଭାବେ ଯୋଗ ଦେଇ ସାହିତ୍ୟ ଏବଂ ସଂଗୀତ ସକାରାତ୍ମକ ଭାବନା ଜାଗ୍ରତ କରିବା ସହ ସଂଘର୍ଷ କରିବା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି କହିଛନ୍ତି ।

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୧/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୭ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୪୩୦ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଗତ ୨୪ ଘଂଟା ଖୋର୍ଧା ଓ କୋରାପୁଟ ଜିଲ୍ଲାରେ ୪-୪ ଜଣ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେହିପରି ନୂଆପଡା, ରାୟଗଡା ଓ ସୁନ୍ଦରଗଡ ଜିଲ୍ଲାରେ ୩-୩ ଜଣ ତଥା ବାଲେଶ୍ୱର, ବରଗଡ, ବଲାଙ୍ଗୀର ବୌଦ୍ଧ, କଟକ, ଢେଙ୍କାନାଳ, କେନ୍ଦୁଝର, ପୁରୀ ଜିଲ୍ଲାରେ ଜଣେ ଲେଖାଏଁ ମୃତ୍ୟୁ ବରଣ କରିଛନ୍ତି।

ଜି.ଭି.ଭି ଶର୍ମା ହେଲେ ରାଜସ୍ୱ ପର୍ଷଦ ସଦସ୍ୟ

ଭୁବନେଶ୍ୱର,୨୧/୦୫ (ନି.ପ୍ର): ବରିଷ୍ଠ ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ୧୯୮୬ ବ୍ୟାଚ୍ ଆଇଏଏସ୍ ଜି.ଭି.ଭି ଶର୍ମାଙ୍କ ରାଜସ୍ୱ ପର୍ଷଦର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୧୯୮୮ ବ୍ୟାଚ୍ ଆଇଏଏସ୍ ସି.ଜେ ଭେନୁଗୋପାଳଙ୍କୁ କେବିକେ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତି ଦିଆଯାଇଛି। ସୁଦର୍ଶନ ପାଲ୍ ଠାକୁରଙ୍କ ସ୍ଥାନରେ ଭେନୁଗୋପାଳଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ବେଳେ ସେ ଚିଫ୍ ରେସିଡେଂଟ କମିଶନର ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱରେ ରହିବେ।

ବାଲେଶ୍ୱର ରାଇସ ମିଲର୍ସ ଆସୋସିଏସନ ପକ୍ଷରୁ ଅକ୍ସିମିଟର ପ୍ରଦାନ

ବାଲେଶ୍ୱର,୨୧/୦୫ (ନି.ପ୍ର): ବାଲେଶ୍ୱରରେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଏବେ ଆରମ୍ଭ ହୋଇଛି ଲକ୍ଷଣ ଚିହ୍ନଟ ଅଭିଯାନ। ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ଏବେ ପ୍ରତ୍ୟେକ ଘରକୁ ଯାଇ ପରିବାର ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି। ଏହି ଯାଞ୍ଚ ବେଳେ ଅକ୍ସିମିଟରର ଅଭାବକୁ ଏଡ଼େଇବା ପାଇଁ ଜିଲାପାଳ ବିଭିନ୍ନ ସଂଗଠନର ସହଯୋଗ ଲୋଡ଼ିଥିଲେ। ଏନେଇ ବାଲେଶ୍ୱରର ଏକାଧିକ ସଂଗଠନ ଓ ବ୍ୟକ୍ତିବିଶେଷ ସହଯୋଗର ହାତ ବଢ଼ାଉଛନ୍ତି ମଧ୍ୟ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରାଇସ ମିଲର୍ସ ଆସୋସିଏସନ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଶହେଟି ଅକ୍ସିମିଟର ଓ ୩ଟି ଅକ୍ସିଜେନ କଂସେନଟ୍ରେଟର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ବଜାରରେ ଉପଲବ୍ଧ ନହେବା ଫଳରେ ପ୍ରଥମ ପର୍ଯ୍ୟାୟରେ ୫୦ଟି ଅକ୍ସିମିଟର ପ୍ରଦାନ କରାଯାଇଛି। ଏସୋସିଏସନର କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହି ଅକ୍ସିମିଟର ପ୍ରଦାନ କରିଥିଲେ। ସପ୍ତାହକ ମଧ୍ୟରେ ଆଉ ୫୦ଟି ଅକ୍ସିମିଟର ଓ ୩ଗୋଟି ଅକ୍ସିଜେନ କଂସେନଟ୍ରେଟର ସହ କୋଭିଡ ପରିଚାଳନାରେ ଆବଶ୍ୟକ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

ବିଧାନସଭା ସଚିବାଳୟ ପକ୍ଷରୁ ଆତଙ୍କବାଦ ନିରୋଧ ଦିବସ ପାଳିତ

ଭୁବନେଶ୍ୱର,୨୧/୦୫(ନି.ପ୍ର): ବିଧାନସଭା ସଚିବାଳୟ ପକ୍ଷରୁ ଶୁକ୍ରବାର ଆତଙ୍କବାଦ ନିରୋଧ ଦିବସ ପାଳିତ ହୋଇଯାଇଛି । ସଂପୂର୍ଣ୍ଣ କୋଭିଡ୍ କଟକଣା ନିୟମ ଅନୁସାରେ ପାଳିତ ହୋଇଥିବା ଏହି ଦିବସରେ ମୁଖ୍ୟଅତିଥି ଭାବେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଯୋଗଦେଇଥିଲେ । ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ସହ ଆତଙ୍କବାଦ ବିରୋଧରେ ସାମୂହିକ ସଂଗ୍ରାମ ପାଇଁ ବିଧାନସଭା ସଚିବ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ ।

ଜାତୀୟ ସ୍ତରୀୟ ଫୁଟବଲ ଖେଳାଳିଙ୍କ କରୋନାରେ ମୃତ୍ୟୁ

ବାରିପଦା,୨୧/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ଫୁଟବଲ ଖେଳାଳୀ ତଥା ଜାତୀୟ ସ୍ତରୀୟ ଫୁଟବଲ ଖେଳାଳି ଅସୀତ ପାତ୍ର(ମନଭାଇ)ଙ୍କ ୬୪ବର୍ଷ ବୟସରେ ପରଲୋକ ହୋଇଥିବାର ଜଣାଯାଇଛି । ସେ କରୋନା ସଂକ୍ରମିତ ହୋଇ ଭୁବନେଶ୍ୱର ଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁବରଣ କରି ଥିବାର ତାଙ୍କର ପିଲା ବେଳର କ୍ରୀଡା ବନ୍ଧୁ ତଥା ଜାତୀୟ ସ୍ତରୀୟ ଫୁଟବଲ ଖେଳାଳି କୁମାର ରଞ୍ଜନ ପଣ୍ଡା ଶୋକ ପ୍ରକାଶ କରିବା ସହିତ ସୂଚନା ଦେଇଛନ୍ତି। ସ୍ୱର୍ଗତ ପାତ୍ରଙ୍କ ଜନ୍ମ ୧୯୫୭ ମସିହା ବାରିପଦାର ବଡ ଜଗନ୍ନାଥ ମନ୍ଦିର ନିକଟରେ ସ୍ୱର୍ଗତ ଖଡୁ ମହାଜନଙ୍କ ଘରେ ହୋଇଥିଲା। ବାରିପଦାରେ ପ୍ରାଥମିକ ଶିକ୍ଷା ଆରମ୍ଭ କରି ୧୯୭୧ ମସିହାରେ ଶରତ ଚନ୍ଦ୍ର ବିଦ୍ୟାପୀଠରୁ ମାଟ୍ରିକ ପାସ କରିଥିଲେ। ପିଲାଟି ଦିନରୁ ଫୁଟବଲ ପ୍ରତି ଥିଲା ତାଙ୍କର ଦୁର୍ବଳତା। ୧୯୭୪ ମସିହାରେ ବାରିପଦା ଷ୍ଟାଡିୟମରେ ଅନୁଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟ ଆଥଲେଟିକ ଚାମ୍ପିୟାନସିପରେ ୧୦୦ମିଟର ଧାବକରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ନିଜର ସର୍ବତମ ଟାଇମିଙ୍ଗ ପାଇଁ କେରଳର କାଲିକୋର୍ଟ ଠାରେ ଇଂଟର ୟୁନିଭରସିଟି ଅଥଲେଟିକ କ୍ରୀଡ଼ାରେ ୧୦୦ମିଟର ରିଲେ ରେଶରେ ଭାଗ ନେଇଥିଲେ। ତେବେ ୧୯୭୫ ମସିହାରେ ସ୍ନାତକୋତ୍ତର ପାଇବା ପରେ ପଛକୁ ଆଉ ଫେରି ନଥିଲେ। ଜାତୀୟ ସ୍ତରରେ ସନ୍ତୋଷ ଟ୍ରଫି ଅଲ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଂଟରେ ଓଡିଶାର ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିଲେ। ବହୁବାର ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ସକ୍ରିୟ ଅଂଶଗ୍ରହଣ କରି ଜିଲ୍ଲାର ନାମକୁ ଗୌରବମୟ କରିଥିଲେ। ଭୁବନେଶ୍ୱର ସ୍ଥିତ ଆକାଉଂଟ ଜେନେରାଲ କାର୍ଯ୍ୟାଳୟରେ ଆକାଉଂଟ ଅଫିସର ଭାବେ ୨୦୧୬ ମସିହାରେ କାର୍ଯ୍ୟରୁ ଅବସର ନେଇଥିଲେ। ତେବେ ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂସଦ, ଓଡିଶା ଫୁଟବଲ ଅସୋସିଏସନ ଅଫ ଓଡିଶା ସହିତ ରାଜ୍ୟ ସ୍ଥାରୀୟ ଅନେକ କ୍ଲବ ପକ୍ଷରୁ ବହୁ ବାର ସମ୍ମାନିତ ହୋଇଥିଲେ। ଭୁବନେଶ୍ୱର ଏକ୍ରପୋଲି ଫ୍ଲାର୍ଟରେ ରହୁଥିବା ସମୟରେ ମୃତ୍ୟୁ ବେଳକୁ ନିଜ ସ୍ତ୍ରୀ, ପୁଅ, ଝିଅ, ପୁତ୍ର ବଧୁ, ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଓଡିଶା କ୍ରୀଡା ବିଭାଗ ପକ୍ଷରୁ ଟ୍ୱିଟ ଯୋଗେ ଶୋକ ପ୍ରକାଶ କରାଯାଇଛି। ତାଙ୍କର ବିୟୋଗରେ ମୟୂରଭଞ୍ଜ ଜିଲ୍ଲା କ୍ରିଡ଼ା ପ୍ରେମୀ ମାନଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି।

ଶୀର୍ଷମୁହାଁ ବାଲେଶ୍ୱରର କରୋନା ସଂକ୍ରମଣ : ଦିନକରେ ୫୧୦ ନୂଆ ସଂକ୍ରମିତ ଓ ୩୦୩ ସୁସ୍ଥ

ବାଲେଶ୍ୱର,୨୧/୦୫ (ନି.ପ୍ର): ଦ୍ୱିତୀୟ ଲହରରେ ବାଲେଶ୍ୱର ଜିଲାର କରୋନା ସ୍ଥିତି ଜଟିଳ ହେଉଥିବା ବେଳେ ସଂକ୍ରମଣ ମଧ୍ୟ ଶୀର୍ଷମୁହାଁ ହୋଇଥିବା ଲକ୍ଷ୍ୟ କରାଯାଇଛି। ଗତ ଦୁଇଦିନ ମଧ୍ୟରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୫ଶହ ଉପରେ ରହିବାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୫୧୦ଜଣ ରହିଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରୁ ୬ଜଣ, ସହରର ମଠସାହିରୁ ୪ଜଣ, ସୁନହଟରୁ ୪, ସହଦେବଖଣ୍ଟାରୁ ୩, ପୁଲିସ ଲାଇନରୁ ୩, ଗୋପାଳଗାଁରୁ ୩, ଆଜିମାବାଦରୁ ୨, ଫାଣ୍ଡିଛକରୁ ୨, ସୁଏଲପୁରରୁ ୨ ଓ ରାଣୀପାଟଣାରୁ ୨ଜଣଙ୍କ ସମେତ ଆକତପୁର, ଅଙ୍ଗାରଗଡ଼ିଆ, ଅରଡ଼ବଜାର, ବଟେଶ୍ୱର, ଭୋଇସାହି, ଦାମୋଦରପୁର, ଆଇଟିଆଇଛକ, ମାକଲପୁର, ମିର୍ଜାପୋଖରୀ, ମାନସିଂବଜାର, ପୁରୁଣାବାଲେଶ୍ୱର, ରାଜାବଗିଚା, ରଣସାହି, ନେଳିଆବାଗ, ସତ୍ୟନଗର, ଶୋଭାରାମପୁର, ତେଲେଙ୍ଗାସାହି, ହ୍ୱାଇଟ ହାଉସ କ୍ଲିନିକ, ବାରବାଟୀ, ଗଡ଼ଗଡ଼ିଆଛକ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ